ଆଜି - ବୁଧବାର
ତାରିଖ - ୦୯ ସେପ୍ଟେମ୍ବର ୨୦୨୬
ମାସ - ସିଂହ, ଦିନ - ୨୪
ତିଥି - ତ୍ରୟୋଦଶୀ, ପକ୍ଷ- କୃଷ୍ଣ
ନକ୍ଷତ୍ର - ଅଶ୍ଲେଷା, କର୍କଟ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୩୪: ୦୦
ସୂର୍ଯ୍ୟାସ୍ତ - ୫ : ୪୯ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

"କ୍ରୋଧ ପାଇଁ ନୁହେଁ, କ୍ରୋଧଦ୍ୱାରା ମନୁଷ୍ୟ ଦଣ୍ଡିତ ହୋଇଥାଏ । "
- ଗୌତମ ବୁଦ୍ଧ

ଆଜିକାଲି LIVE
THE AJIKALI 24X7

E-News : www.Ajikali epaper.com

Vol.- 41 ISSUE- 147 R.N.I. REGD. No. 44026/86 ବାଲେଶ୍ୱର ୦୯ ସେପ୍ଟେମ୍ବର ୨୦୨୬ ବୁଧବାର BALASORE 09 SEPTEMBER 2026 WEDNESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରିବେ ରାଷ୍ଟ୍ରପତି




ନୂଆଦିଲ୍ଲୀ : ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ୨୨ ସେପ୍ଟେମ୍ବର ୨୦୨୬ରେ ଗୁଜୁରାଟର ଏକତା ନଗର (କେଭାଡିଆ)ରେ ଭାରତର ରାଷ୍ଟ୍ରପତି ପ୍ରଦାନ କରିବେ । ଏହି ସମାରୋହ ୨୦୨୪ ବର୍ଷ ପାଇଁ ଭାରତୀୟ ସିନେମାରେ ଉଲ୍ଲେଖନୀୟ ସଫଳତା ପାଳନ କରିବା ପାଇଁ ଦେଶବ୍ୟାପୀ ଚଳଚ୍ଚିତ୍ର ନିର୍ମାତା, ଅଭିନେତା, ଟେକ୍ନିସିଆନ ଏବଂ ଅନ୍ୟାନ୍ୟ କଳାକାରଙ୍କୁ ଏକତ୍ର କରିବ । ୧୯୫୪ ମସିହାରେ ପ୍ରତିଷ୍ଠା ହୋଇଥିବା ଜାତୀୟ ଚଳଚ୍ଚିତ୍ର ପୁରସ୍କାର ହେଉଛି ସିନେମାରେ ଉତ୍କର୍ଷତା ପାଇଁ ଦେଶର ସବୁଠାରୁ ପ୍ରତିଷ୍ଠିତ ସମ୍ମାନ । ସାତ ଦଶନ୍ଧି ଧରି, ଏହି ପୁରସ୍କାରଗୁଡ଼ିକ ଫିଚର ଫିଲ୍ମ, ଅଣ-ଫିଚର ଫିଲ୍ମ ଏବଂ ସିନେମା ଉପରେ ଲେଖା ମାଧ୍ୟମରେ ଉଲ୍ଲେଖନୀୟ ସୃଜନଶୀଳ ଏବଂ ବୈଷୟିକ ସଫଳତାକୁ ସ୍ୱୀକୃତି ଦେଇଛି, ଯେତେବେଳେ ଭାରତୀୟ ଚଳଚ୍ଚିତ୍ର ନିର୍ମାଣର ସମୃଦ୍ଧ ଭାଷାଗତ, ସାଂସ୍କୃତିକ ଏବଂ ଆଂଚଳିକ ବିବିଧତାକୁ ପ୍ରତିଫଳିତ କରୁଛି । ଏକ ପ୍ରମୁଖ ନୀତିଗତ ପଦକ୍ଷେପ ସ୍ୱରୂପ, ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା ଦେଶର ବିଭିନ୍ନ ସ୍ଥାନରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଆୟୋଜନ କରିବାକୁ ନିଷ୍ପତି ନିଆଯାଇଛି ଯାହା ଜାତୀୟ ରାଜଧାନୀ ବାହାରେ ଏହାକୁ ନେଇଯିବ । ଏହି ବର୍ଷ ଏକତା ନଗରରେ ଅନୁଷ୍ଠିତ ଏହି ସମାରୋହ ସାରା ଭାରତରୁ ସିନେମା ପ୍ରତିଭାଙ୍କୁ ଏକତ୍ର କରିବ, ଯାହା 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ଭାବନାକୁ ପ୍ରତିପାଦିତ କରିବ । ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଭିନ୍ନ ଭାଷା, ଧାରା ଏବଂ ସିନେମା ରୂପରେ ଏହି ବିବିଧତାକୁ ପାଳନ କରେ । 'ଆର୍ଟିକିଲ୍ ୩୭୦'କୁ ଶ୍ରେଷ୍ଠ ଫିଚର୍ ଫିଲ୍ମ ଭାବରେ ସମ୍ମାନିତ କରାଯିବ । 'ଭଙ୍ଗାର'କୁ ସର୍ବୋତମ ଅଣ-ଫିଚର୍ ଫିଲ୍ମ ଏବଂ 'ରାମ-ନାମି'କୁ ଜୁରି ଦ୍ୱାରା ସର୍ବୋତମ ଡକ୍ୟୁମେଂଟାରୀ ଭାବରେ ମନୋନୀତ କରାଯାଇଛି । 'ବ୍ରମାୟୁଗମ' ପାଇଁ ମାମୁଟି ଏବଂ 'ଚାନ୍ଦୁ ଚାମ୍ପିଅନ୍' ପାଇଁ କାର୍ତିକ ଆର୍ଯ୍ୟନଙ୍କୁ ଶ୍ରେଷ୍ଠ ପ୍ରମୁଖ ଭୂମିକାରେ ଶ୍ରେଷ୍ଠ ଅଭିନେତା ପୁରସ୍କାର ଘୋଷଣା କରାଯାଇଛି, ଯେତେବେଳେ ୟାମୀ ଗୌତମଙ୍କୁ 'ଆର୍ଟିକିଲ୍ ୩୭୦' ପାଇଁ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ସମ୍ମାନିତ କରାଯିବ । 'ସ୍ୱାଧୀନ ବୀର ସାଭରକର' ପାଇଁ ରଣଦୀପ ହୁଡାଙ୍କୁ ଶ୍ରେଷ୍ଠ ଡେବ୍ୟୁ ନିର୍ଦ୍ଦେଶକ ପୁରସ୍କାର ମିଳିବ । ପୁରସ୍କାରଗୁଡିକ ଅନ୍ୟମାନଙ୍କ ମଧ୍ୟରେ ମରାଠୀ, ସନ୍ଥାଳି, ତାମିଲ, ମାଲାୟାଲମ୍, ତେଲୁଗୁ, କନ୍ନଡ, ତୁଲୁ ଏବଂ ଗରଓ୍ୱାଲୀ ସମେତ ଭାଷା ଏବଂ ଫର୍ମରେ ଚଳଚ୍ଚିତ୍ରରେ ଉତ୍କର୍ଷତାକୁ ସ୍ୱୀକୃତି ଦେଇଥାଏ । 'କାଲ୍କି ୨୮୯୮ ଖ୍ରୀଷ୍ଟାବ୍ଦ', 'ଅମରନ୍', 'ପୁଷ୍ପା: ଦି ନିୟମ ପାର୍ଟ -୦୨', 'ଭୋଲ ଭୁଲାଇୟା' 'ଏବଂ' ଷ୍ଟ୍ରି '' ଭଳି ଅନେକ ଚଳଚ୍ଚିତ୍ର ମଧ୍ୟ ବିଭିନ୍ନ ବର୍ଗରେ ସମ୍ମାନ ପାଇବ । ପ୍ରଥମ ଥର ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାରର ଅଣ-ଫିଚର ଫିଲ୍ମ ବିଭାଗରେ ଏକ ସନ୍ଥାଳି ଚଳଚ୍ଚିତ୍ରକୁ ସମ୍ମାନିତ କରାଯିବ । ସିନେମା ବର୍ଗର ଶ୍ରେଷ୍ଠ ଲେଖାରେ ସଞ୍ଜୀବ ଶ୍ରୀବାସ୍ତବଙ୍କୁ ଶ୍ରେଷ୍ଠ ଚଳଚ୍ଚିତ୍ର ସମାଲୋଚକ ପୁରସ୍କାର ଭାବରେ ଘୋଷଣା କରାଯାଇଛି ।

## ପୋଷଣ ପଦକ୍ଷେପ ଏବଂ ଅଙ୍ଗନୱାଡ଼ି ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଏକ ନିବନ୍ଧ ସେୟାର କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କେନ୍ଦ୍ର ମନ୍ତ୍ରୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀଙ୍କ ଦ୍ୱାରା ଲିଖିତ ଏକ ନିବନ୍ଧ ସେୟାର କରିଛନ୍ତି । ମାତୃ ବନ୍ଦନା ଯୋଜନା ଏବଂ ପୋଷଣ ମାହର ୧୦ ବର୍ଷ ଉପରେ ଲେଖାରେ ଅଙ୍ଗନୱାଡି ବ୍ୟବସ୍ଥାକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବାର ବାର୍ତା ଉପରେ ଆଲୋକପାତ କରାଯାଇଛି । ଡିବିଟି, ସାମାଜିକ ଅଡିଟ୍ ଏବଂ ପୁଷ୍ଟିକର ଖାଦ୍ୟ କିପରି ଶିଶୁ, ମହିଳା ଏବଂ କିଶୋର ଝିଅମାନଙ୍କୁ ସାହାଯ୍ୟ କରୁଛି ତାହା ଏହା ରେଖାଙ୍କିତ କରେ । ଏହି ନିବନ୍ଧରେ ଉଲ୍ଲେଖ କରାଯାଇଛି ଯେ 'ହମାରୀ ଅଙ୍ଗନୱାଡି, ହମାରୀ ଜିମେଦାରୀ' ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ ଏହି ପ୍ରୟାସ ଏକ ଅପପୁଷ୍ଟି ମୁକ୍ତ ଏବଂ ବିକସିତ ଭାରତ ଦିଗରେ ପଥ ପରିଷ୍କାର କରୁଛି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏକ୍ସ ରେ ପୋଷ୍ଟ ହୋଇଛି; 'ମାତୃ ବନ୍ଦନା ଯୋଜନା ଏବଂ ପୋଷଣ ମାହର ୧୦ବର୍ଷ ଅବସରରେ, କେନ୍ଦ୍ର ମନ୍ତ୍ରୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀଙ୍କ ଦ୍ୱାରା ଏହି ପ୍ରବନ୍ଧ ଅଙ୍ଗନୱାଡି ବ୍ୟବସ୍ଥାକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା ପାଇଁ ଏକ ବାର୍ତା ପ୍ରଦାନ କରେ । ଡିବିଟି, ସାମାଜିକ ଅଡିଟ୍ ଏବଂ ପୁଷ୍ଟିକର ଖାଦ୍ୟ କିପରି ଶିଶୁ, ମହିଳା ଏବଂ କିଶୋର ଝିଅମାନଙ୍କୁ ସଶକ୍ତ କରୁଛି ସେ ଉପରେ ସେ ଆଲୋକପାତ କରିଛନ୍ତି ।



## ୫ ଦିନିଆ ଦୁବାଇ ଗସ୍ତରେ ମୁଖ୍ୟମନ୍ତ୍ରୀ

### ବିଶ୍ୱସ୍ତରୀୟ କମ୍ପାନୀର ପ୍ରମୁଖ ନେତୃତ୍ୱ ଓ ଅଧିକାରୀଙ୍କ ସହ କରିବେ ଆଲୋଚନା



ଭୁବନେଶ୍ୱର : ଓଡ଼ିଶାର ବିଜନେସ୍ ପାର୍ଟନର ସାଜିବେ ବିଶ୍ୱର ନାମୀଦାମୀ ଶିଳ୍ପପତି । ଏଣିକି ଦେଶରୁ ନୁହେଁ, ବିଦେଶରୁ ଓଡ଼ିଶାକୁ ଆସିବ ପୁଞ୍ଜି । ନିବେଶର ହଟସ୍ପଟ୍ ଦୁବାଇରେ ମେଗା ରୋଡ୍ ଶୋ' କରି ଶିଳ୍ପପତି ଓ ନିବେଶକଙ୍କୁ ଆକୃଷ୍ଟ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ବିଭିନ୍ନ ନିବେଶକଙ୍କ ସହ ୱାନ୍-ଟୁ-ୱାନ୍ ଆଲୋଚନା ସହ ୩ ଦିନ ଧରି ଚାଲିବ ମେଗା ଇଭେଂଟ । ଆଜିଠାରୁ ୫ ଦିନିଆ ୟୁଏଇ ଗସ୍ତରେ ଯାଉଛନ୍ତି ମୁଖ୍ୟମନ୍ତ୍ରୀ । ଏହି ଗସ୍ତ ସମୟରେ ଓଡ଼ିଶାକୁ ଅଧିକ ପୁଞ୍ଜି ଆକର୍ଷଣ ପାଇଁ ବିଭିନ୍ନ ନିବେଶକ ଓ ଶିଳ୍ପପତିଙ୍କ ସହ ଆଲୋଚନା କରିବେ । ଏଥିସହ ପ୍ରବାସୀ ଓଡ଼ିଆଙ୍କୁ ସମ୍ବୋଧିତ କରି ରାଜ୍ୟର ବିକାଶମୂଳକ ପଦକ୍ଷେପ ଓ ନିବେଶ ସୁଯୋଗ ସମ୍ପର୍କରେ ଅବଗତ କରାଇବେ । ଆଜି ନୂଆଦିଲ୍ଲୀରୁ ଆବୁଧାବି ଗସ୍ତ କରିବେ ମୁଖ୍ୟମନ୍ତ୍ରୀ । ଆସନ୍ତାକାଲି, ୯ ତାରିଖରେ ବିଶ୍ୱସ୍ତରୀୟ କମ୍ପାନୀର ପ୍ରମୁଖ ନେତୃତ୍ୱ ଓ ଅଧିକାରୀଙ୍କ ସହ ଆଲୋଚନା କରିବେ । ସନ୍ଧ୍ୟାରେ ଦୁବାଇରେ 'ୱାନ୍ ଡିଷ୍ଟ୍ରିକ୍ଟ ୱାନ୍ ପ୍ରଡକ୍ଟ' କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାରେ ଉତ୍ପାଦିତ ବିଭିନ୍ନ ଦ୍ରବ୍ୟର ପ୍ରଦର୍ଶନୀ ଉଦ୍‌ଘାଟନ କରିବେ । ୧୦ ତାରିଖରେ ୟୁଏଇର ଅର୍ଥନୀତି ଓ ପର୍ଯ୍ୟଟନ ମନ୍ତ୍ରୀ ତଥା କାଉନ୍‌ସିଲ୍ ଅଫ୍ ଇଂଟରନ୍ୟାସନାଲ ଇନ୍‌ଭେଷ୍ଟମେଂଟସର ଅଧ୍ୟକ୍ଷ ଅବଦୁଲ୍ଲା ବିନ୍ ତକ୍ ଅଲ୍ ମାରିଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ କାର୍ଯ୍ୟକ୍ରମ ରହିଛି । ଏହାସହ ବିଭିନ୍ନ ଶିଳ୍ପପତି ଓ ନିବେଶକଙ୍କ ସହ ମଧ୍ୟ ଆଲୋଚନା କରିବେ । ୧୧ ତାରିଖରେ ଦୁବାଇରେ ଆୟୋଜିତ ହେବ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍ । ଏଠାରେ ଉଦ୍ୟୋଗପତି ଓ ଶିଳ୍ପପତିଙ୍କୁ ଭେଟି ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଥିବା ବ୍ୟାପକ ସୁଯୋଗ ସମ୍ପର୍କରେ ଆଲୋଚନା କରିବେ ମୁଖ୍ୟମନ୍ତ୍ରୀ । ଏଥିସହ ପ୍ରବାସୀ ଓଡ଼ିଆଙ୍କ ସହ ମଧ୍ୟ ମତ ବିନିମୟ କରିବେ । ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ମଧ୍ୟ ୟୁଏଇ ଗସ୍ତ କରିଛନ୍ତି । ଏପଟେ ଓଡ଼ିଶାରେ ନିବେଶକୁ ନେଇ ସରକାର ନିଜର ଦୁଇ ବର୍ଷର ହିସାବ ମଧ୍ୟ ରଖିଛନ୍ତି । ଶିଳ୍ପ ବିଭାଗର ସୂଚନା ଅନୁସାରେ, ୫୧୪ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଏହି ପ୍ରକଳ୍ପଗୁଡ଼ିକ ଜରିଆରେ ୯ ଲକ୍ଷ ୫୭ ହଜାର କୋଟି ଟଙ୍କାର ନିବେଶ ପାଇଁ ପ୍ରସ୍ତାବ ରହିଛି । ଏହାଦ୍ୱାରା ୬ ଲକ୍ଷ ୩୪ ହଜାର ନିଯୁକ୍ତି ସୃଷ୍ଟିର ସମ୍ଭାବନା ରହିଛି । ସେଥିରୁ ୧୫୧ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍ ?ଘାଟନ ହୋଇସାରିଛି । ଷ୍ଟିଲ୍, ଖଣି, ଫୁଡ୍ ପ୍ରୋସେସିଂ, ପେଟ୍ରୋକେମିକାଲ୍ ଓ ସେମିକଣ୍ଡକ୍ଟର ଭଳି କ୍ଷେତ୍ର ସରକାରଙ୍କ ଫୋକସ୍‌ରେ ରହିଛି । ଓଡ଼ିଶାକୁ ଦେଶ ଓ ବିଦେଶରୁ ଅଧିକ ପୁଞ୍ଜି ଆଣିବା ସହ ନୂଆ ଶିଳ୍ପ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ।





# ବିଚିତ୍ରପୁର ଜଙ୍ଗଲରେ ୫ 'ଓରାଙ୍ଗଉଟାନ' ଠାବ
# ଚୋରାଚାଲାଣ ସନ୍ଦେହରେ ବନ ବିଭାଗର ଖୋଳତାଡ଼ ଆରମ୍ଭ

ବାଲେଶ୍ୱର,(ନି.ପ୍ର.): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ବିଚିତ୍ରପୁର ଅଂଚଳରେ ମଙ୍ଗଳବାର ୫ଟି ବିରଳ ପ୍ରାଣୀ ଠାବ ଓ ଉଦ୍ଧାର ହେବା ପରେ ସମଗ୍ର ଅଂଚଳରେ ଚର୍ଚ୍ଚା ଜୋର୍ ଧରିଛି । ପ୍ରାଥମିକ ଭାବେ ଏଗୁଡ଼ିକୁ 'ଓରାଙ୍ଗଉଟାନ' ବୋଲି ଚିହ୍ନଟ କରାଯାଉଥିବା ବେଳେ ଏହି ପ୍ରାଣୀମାନେ ଭାରତୀୟ ଜଙ୍ଗଲରେ ସ୍ୱାଭାବିକ ଭାବେ ଦେଖାଯାଆନ୍ତି ନାହିଁ । ତେଣୁ ସେମାନେ ବିଚିତ୍ରପୁର ଜଙ୍ଗଲକୁ କିପରି ଆସିଲେ, ତାହା ଏବେ ବଡ଼ ପ୍ରଶ୍ନ ହୋଇଛି ।ସୂଚନା ଅନୁଯାୟୀ, ସକାଳ ପ୍ରାୟ ୬ଟା ସମୟରେ ବନ ବିଭାଗର କର୍ମଚାରୀମାନେ ବିଚିତ୍ରପୁର ଅଂଚଳରେ ଏହି ବିରଳ ପ୍ରାଣୀମାନଙ୍କୁ ଠାବ କରିଥିଲେ । ଖବର ପ୍ରଚାରିତ ହେବା ପରେ ଅଂଚଳବାସୀଙ୍କ ମଧ୍ୟରେ ଉତ୍ସୁକତା ବଢ଼ିଥିଲା । ପରେ ବନ ବିଭାଗ ପକ୍ଷରୁ ଉଦ୍ଧାର ଅଭିଯାନ ଆରମ୍ଭ କରାଯାଇ ୫ଟି ପ୍ରାଣୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି ।ଉଦ୍ଧାର ହୋଇଥିବା ୫ଟି ପ୍ରାଣୀଙ୍କ ମଧ୍ୟରେ ଗୋଟିଏ ଅଣ୍ଡିରା, ଦୁଇଟି ମାଈ ଓ ଦୁଇଟି ଛୁଆ ଥିବା ଜଣାପଡ଼ିଛି । ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବାରିପଦାରୁ ଏକ ବିଶେଷଜ୍ଞ ଦଳ



ଆସିଥିବା ସୂଚନା ମିଳିଛି । ଉଦ୍ଧାର ପରେ ପ୍ରାଣୀଗୁଡ଼ିକୁ ବନ ବିଭାଗର ହେପାଜତରେ ରଖାଯାଇଛି । ସ୍ୱାସ୍ଥ୍ୟ ପରୀକ୍ଷା ଓ ଆବଶ୍ୟକ ଆଇନଗତ ପ୍ରକ୍ରିୟା ପରେ ସେମାନଙ୍କୁ ନନ୍ଦନକାନନ ଜୁଲୋଜିକାଲ ପାର୍କକୁ ସ୍ଥାନାନ୍ତର କରାଯିବାର ସମ୍ଭାବନା ରହିଛି ।

ଘଟଣାକୁ ନେଇ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ କହିଛନ୍ତି, "ଘଟଣାଟି ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ । ବିଚିତ୍ରପୁର ଅଂଚଳରେ ଏଭଳି ବିରଳ ପ୍ରାଣୀ କିପରି ପହଂଚିଲେ, ତାହାର ସଠିକ୍ ତଦନ୍ତ ହେବା ଆବଶ୍ୟକ । ପ୍ରାଣୀଗୁଡ଼ିକର ସୁରକ୍ଷା ଓ ସ୍ୱାସ୍ଥ୍ୟ ପରୀକ୍ଷାକୁ ପ୍ରଥମିକତା ଦିଆଯିବା ସହ ଏହା ପଛରେ ଯଦି କୌଣସି ଚୋରାଚାଲାଣ ଘଟଣା ରହିଛି, ତେବେ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ନିଆଯିବା ଦରକାର ।"ଏପଟେ, ଘଟଣାକୁ ନେଇ ଓଡ଼ିଶାର ବନ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଁଆ କହିଛନ୍ତି ଯେ, ଓରାଙ୍ଗଉଟାନମାନଙ୍କ ଚୋରାଚାଲାଣ ପଛରେ ଆନ୍ତର୍ଜାତୀୟ ଲିଙ୍କ୍? ଥିବାର ସମ୍ଭାବନାକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇଛି । ଏହି ବିରଳ ପ୍ରାଣୀମାନେ ଭାରତରେ ସ୍ୱାଭାବିକ ଭାବେ ମିଳୁନଥିବାରୁ ସେମାନେ କିପରି ଓ କେଉଁଠାରୁ ଓଡ଼ିଶାକୁ ଆସିଲେ, ତାହା ଜାଣିବା ପାଇଁ ବନ ବିଭାଗ ତଦନ୍ତ ଜାରି ରଖିଛି ।'ଚକେଉଁଠି ରୁହନ୍ତି ଓରାଙ୍ଗଉଟାନ? ଓରାଙ୍ଗଉଟାନ ଦକ୍ଷିଣ-ପୂର୍ବ ଏସିଆର ଇଣ୍ଡୋନେସିଆ ଓ ମାଲେସିଆର ବୋର୍ନିଓ ଏବଂ ସୁମାତ୍ରା ଦ୍ୱୀପର ଉଷ୍ଣ ଓ ଆର୍ଦ୍ର ଜଙ୍ଗଲରେ ମୁଖ୍ୟତଃ ଦେଖାଯାଆନ୍ତି । ସେମାନେ ଗଛରେ ରହିବାରେ ଅତ୍ୟନ୍ତ ଅଭ୍ୟସ୍ତ ଏବଂ ଦୀର୍ଘ ଓ ଶକ୍ତିଶାଳୀ ବାହୁ ସାହାଯ୍ୟରେ ଗଛରୁ ଗଛକୁ ଚଳପ୍ରଚଳ କରନ୍ତି ।ବୋର୍ନିଆନ୍, ସୁମାତ୍ରାନ୍ ଓ ତାପାନୁଲି ଓରାଙ୍ଗଉଟାନ ଭଳି ତିନିଟି ପ୍ରଜାତି ବର୍ତମାନ ଅତ୍ୟନ୍ତ ବିଲୁପ୍ତିପ୍ରାୟ ଶ୍ରେଣୀରେ ରହିଛନ୍ତି ।ଓରାଙ୍ଗଉଟାନ ସାଧାରଣତଃ ଏକାକୀ କିମ୍ବା ଅର୍ଦ୍ଧ-ଏକାକୀ ଜୀବନଯାପନ କରନ୍ତି । ମାଈ ଓରାଙ୍ଗଉଟାନ ନିଜ ଛୁଆଙ୍କ ସହ ଅଧିକ ସମୟ କାଟାନ୍ତି ।ଫଳ ସେମାନଙ୍କର ପ୍ରମୁଖ ଖାଦ୍ୟ ହୋଇଥିବା ବେଳେ ପୋକ, ଫୁଲ, ପତ୍ର ଓ ଗଛର ଭିତର ଛାଲ ଆଦି ମଧ୍ୟ ଖାଇଥାନ୍ତି । ପ୍ରତିରାତି ଗଛ ଉପରେ ନୀଡ଼ ଭଳି ଆଶ୍ରୟ ତିଆରି କରି ସେଠାରେ ଶୋଇବା ସେମାନଙ୍କର ଏକ ବିଶେଷ ଅଭ୍ୟାସ ।

ଚୋରାଚାଲାଣ ନେଇ ବଢ଼ିଲା ସନ୍ଦେହ: ତେବେ ଏହି ପ୍ରାଣୀମାନେ ବିଚିତ୍ରପୁରକୁ ଆସିଲେ କିପରି, ତାହାକୁ ନେଇ ରହସ୍ୟ ଘନୀଭୂତ ହୋଇଛି । ସେମାନଙ୍କୁ ଚୋରାଚାଲାଣ କରାଯାଇଥିବା ପରେ କୌଣସି କାରଣରୁ ଏଠାରେ ଛାଡ଼ି ଦିଆଯାଇଥିବା ସନ୍ଦେହ ରହିଛି । ମନ୍ତ୍ରୀଙ୍କ ବକ୍ତବ୍ୟ ପରେ ଏହି ଘଟଣାରେ ଆନ୍ତର୍ଜାତୀୟ ଚୋରାଚାଲାଣ ଲିଙ୍କ୍?ର ସମ୍ଭାବନା ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି । ତେବେ ଏହି ପ୍ରାଣୀଗୁଡ଼ିକର ପ୍ରକୃତ ପ୍ରଜାତି, ଉତ୍ସ ଏବଂ ସେମାନେ ବିଚିତ୍ରପୁରରେ କିପରି ପହଂଚିଲେ, ସେ ସମ୍ପର୍କରେ ବିଶେଷଜ୍ଞ ଯାଂଚ ଓ ବନ ବିଭାଗର ତଦନ୍ତ ପରେ ହିଁ ସ୍ୱଷ୍ଟ ଚିତ୍ର ସାମ୍ନାକୁ ଆସିବ । ବିଚିତ୍ରପୁର ଜଙ୍ଗଲରେ ବିଦେଶୀ ଭୂମିର ଏହି ବିରଳ ପ୍ରାଣୀମାନେ କେଉଁଠୁ ଓ କିପରି ପହଂଚିଲେ, ତାହା ଏବେ ବନ ବିଭାଗର ତଦନ୍ତର ମୁଖ୍ୟ କେନ୍ଦ୍ରବିନ୍ଦୁ । ଘଟଣା ପଛରେ ଚୋରାଚାଲାଣର ଏକ ବଡ଼ ନେଟୱର୍କ ରହିଛି କି ନାହିଁ, ତାହା ତଦନ୍ତ ଶେଷ ହେଲେ ହିଁ ସ୍ପଷ୍ଟ ହେବ ।

# ବାଲେଶ୍ୱରରେ NAQUIM କର୍ମଶାଳା ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.) ଜାତୀୟ ଭୂତଳ ଜଳ ମାନଚିତ୍ରଣ ଓ ପରିଚାଳନା କାର୍ଯ୍ୟକ୍ରମ (ଘଇଛଟଓଗ) ସମ୍ପର୍କିତ ଏକ କର୍ମଶାଳା ଆଜି ପୂର୍ବାହ୍ନ ୧୧.୩୦ ମିନିଟ୍ ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଡିଟୋରିୟମ୍ ହଲ୍?ରେ ଅନୁଷ୍ଠିତ ହୋଇଯାଇଛି ।କର୍ମଶାଳାରେ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ (ଉଏଡଇ), ଭୁବନେଶ୍ୱରର ବରିଷ୍ଠ ବୈଜ୍ଞାନିକ ରାଜ କିଶୋର ମହାନ୍ତି ଓ ବିନୋୟ କୁମାର ବେହେରା ସମ୍ବଳ ବ୍ୟକ୍ତି ଭାବେ ଯୋଗଦେଇ ଭୂତଳ ଜଳର ସଂରକ୍ଷଣ, ମାନଚିତ୍ରଣ ଓ ସୁପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ତପନ କୁମାର ଖୁଁଆ, ଉପ ଜିଲ୍ଲାପାଳ, ନୀଳଗିରି ଶ୍ରୀମତୀ ଶୁଭଶ୍ରୀ ରଥ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ବାଲେଶ୍ୱର ପୌରପାଳିକା ଶ୍ରୀଯୁକ୍ତ ଶିରିଆଲ ଶୁଭ୍ର ପଟେଲ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ମଂଚାସୀନ ଥିଲେ ।ଆଲୋଚନାରେ ଇଣ୍ଡୋ-ଜର୍ମାନ ଦ୍ୱିପାକ୍ଷିକ ପ୍ରକଳ୍ପ "ଝଙ୍କଡଇଠସ-୨୦୪୭" ସମ୍ପର୍କରେ ମଧ୍ୟ ମତବିନିମୟ କରାଯାଇଥିଲା । ଭୂତଳ ଜଳ ସମ୍ପଦର ସୁଦୂରପ୍ରସାରୀ ଓ ସ୍ଥାୟୀ ପରିଚାଳନା ପାଇଁ ଏଭଳି ବୈଜ୍ଞାନିକ ପ୍ରକଳ୍ପର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା ।ଏହି ଅବସରରେ ଘଇଛଟଓଗ ରିପୋର୍ଟଗୁଡ଼ିକୁ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ଜିଲ୍ଲାସ୍ତରୀୟ କର୍ତୃପକ୍ଷଙ୍କ ସହ ଅଂଶୀଦାର କରିବା ନେଇ ଆଲୋଚନା ହୋଇଥିଲା । ଜିଲ୍ଲାରେ ଭୂତଳ ଜଳର ସ୍ଥିତି ଓ ଉପଲବ୍ଧ ବୈଜ୍ଞାନିକ ତଥ୍ୟକୁ ଆଧାର କରି ଭବିଷ୍ୟତରେ ଜଳ ସମ୍ପଦର ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । କର୍ମଶାଳାରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଭୂତଳ ଜଳ ସମ୍ପର୍କିତ ସମସ୍ୟା ଉପରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା । ଜଳସ୍ତର ହ୍ରାସ, ଭୂତଳ ଜଳର ଅତ୍ୟଧିକ ଉତୋଳନ, ଜଳର ଗୁଣବତା ଏବଂ ଭବିଷ୍ୟତରେ ଜଳ ଚାହିଦା ବୃଦ୍ଧି ଭଳି ବିଷୟଗୁଡ଼ିକର ବୈଜ୍ଞାନିକ ଓ ପ୍ରଶାସନିକ ସମାଧାନ ଉପରେ ମତବିନିମୟ କରାଯାଇଥିଲା ।



ଏଥିସହ ସ୍ଥାୟୀ ଭୂତଳ ଜଳ ପରିଚାଳନା ଯୋଜନା (Sustainable Groundwater Management Plan) ପ୍ରସ୍ତୁତି ଓ କାର୍ଯ୍ୟକାରୀ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଭୂତଳ ଜଳର ପୁନର୍ଭରଣ ବୃଦ୍ଧି, ବର୍ଷାଜଳ ସଂରକ୍ଷଣ, ଜଳର ସୁବିଚାରିତ ବ୍ୟବହାର ଏବଂ ଜନସାଧାରଣଙ୍କ ମଧ୍ୟରେ ଜଳ ସଂରକ୍ଷଣ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଥିଲା ।କର୍ମଶାଳାରେ ଜିଲ୍ଲା ପ୍ରଶାସନର ଅଧିକାରୀବୃନ୍ଦ, ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ଅନ୍ୟାନ୍ୟ ପଦାଧିକାରୀମାନେ ଯୋଗଦେଇ ଭୂତଳ ଜଳର ସୁରକ୍ଷା ଓ ଦୀର୍ଘସ୍ଥାୟୀ ପରିଚାଳନା ପାଇଁ ସମନ୍ୱିତ ପଦକ୍ଷେପ ନେବା ଉପରେ ମତ ପ୍ରକାଶ କରିଥିଲେ ।

# ବିଂଶତମ ବର୍ଷରେ ପଦାର୍ପଣ କରିଲା ଦି ସାଇନିଂ ପର୍ଲ୍ସ କ୍ଲବ

ବାଲେଶ୍ୱର(ନି.ପ୍ର.): ଆସୁଛନ୍ତି ପ୍ରଭୁ ଗଜାନନ । ଏଥିପାଇଁ ଆରମ୍ଭ ହୋଇଗଲାଣି ବିଭିନ୍ନ କ୍ଲବ ପକ୍ଷରୁ ପ୍ରସ୍ତୁତି । ମାତ୍ର ବାଲେଶ୍ୱର ସହରରେ ଗଣେଶ ପୂଜା କହିଲେ ବିଶେଷ କରି କନଭେଂଟ ସ୍କୁଲ ରୋଡ୍ ଅନ୍ୟତମ । କାରଣ ଏଠାରେ ମାତ୍ର ୬୦୦ ମିଟର ବ୍ୟବଧାନ ମଧ୍ୟରେ ୪୫ ରୁ ଅଧିକ ଭିନ୍ନ ଭିନ୍ନ ନିଆରା ଗଣେଶଙ୍କ ମୂର୍ତି ପୂଜା ପାଏ । ଆଉ ସେଥି ମଧ୍ୟରୁ ଉଣେଇଶ(୨୦)ବର୍ଷ ଧରି ଏକ ନିଆରା ଢଙ୍ଗରେ ଗଣେଶ ପୂଜା ପାଳନ କରୁଥିବା କ୍ଲବ୍ ମଧ୍ୟରୁ କନଭେଂଟ ସ୍କୁଲ ଇଲେକ୍ଟ୍ରି ଅଫିସ୍ ନିକଟ ଦ ସାଇନିଂ ପର୍ଲ୍ସ କ୍ଲବ୍ ଅନ୍ୟତମ ।ଚଳିତବର୍ଷ ମଧ୍ୟ କ୍ଲବ୍ ପକ୍ଷରୁ ୬ଲକ୍ଷ ବଜେଟ୍, ତୋରଣ, ଆଲୋକମାଳା ଏବଂ ମୂର୍ତି ପ୍ରସ୍ତୁତି ଆରମ୍ଭ ହୋଇଯାଇଛି ବୋଲି ଦ ସାଇନିଂ ପର୍ଲ୍ସ କ୍ଲବ୍ ପକ୍ଷରୁ ସୂଚନା ମିଳିଛି । କ୍ଲବ୍ ପକ୍ଷରୁ ୨୦୦୭ ମସିହାରୁ ପୂଜା ଆରମ୍ଭ ହୋଇ ଆସୁଛି । ତେବେ ଚଳିତବର୍ଷ କ୍ଲବର ମୂର୍ତି ଉଚ୍ଚତା ୧୨ ଫୁଟ୍ ରହିଥିବା



ବେଳେ ଏଥର ରାଜାଧିରାଜ ଅବତାରରେ ଆରାମଦାୟକ ସୋଫା ଉପରେ ବିରଜାମାନ ଗଣେଶଙ୍କ ମୂର୍ତୀ ଏକ ଭିନ୍ନ ଶୈଳୀ ରେ ପ୍ରସ୍ତୁତ ହେଉଛି ବୋଲି କ୍ଲବ ସମ୍ପାଦକ ଜ୍ୟୋତି ପ୍ରକାଶ ଦାସ କହିଛନ୍ତି । ଏହି ମୂର୍ତୀଟି ଶିଳ୍ପକାରଙ୍କ ନିର୍ଦ୍ଦେଶ କ୍ରମେ ୪ଜଣ କାରିଗରଙ୍କ ସହାୟତାରେ ନିର୍ମିତ ହେଉଛି । ଚଳିତବର୍ଷ ପୂଜାର ବିଶେଷ ଆକର୍ଷଣ ହେଉଛି ସାଜସଜ୍ଜା, ଆଲୋକମାଳ ଓ ପୂଜା ଦିନ ସନ୍ଧ୍ୟାରେ ୧୦୮ ସନ୍ଧ୍ୟା ଆଳତି । କ୍ଲବର ୭୦ରୁ ଅଧିକ ସଦସ୍ୟ, ୫ହଜାର ଲଡୁ, କ୍ଷୀରି, ପୁରୀ, ପାଇକଆଖଡ଼ା, ଘଂଟୁଆ ମୁଖ୍ୟ ଆକର୍ଷଣ ଥିବା ବେଳେ ସେମାନଙ୍କ ସହଯୋଗରେ ପ୍ରତିବର୍ଷ ପୂଜା ଆୟୋଜିତ ହୁଏ ।ପୂଜାର ସମସ୍ତ ଦାୟିତ୍ୱ ଓ କାମ ସଦସ୍ୟମାନେ ତୁଲାଇବା ସହ କ୍ଲବ୍ ପକ୍ଷରୁ ଶାନ୍ତି ଓ ଶୃଙ୍ଖଳାର ସହ ପ୍ରତିବର୍ଷ ପୂଜା ଓ ବିସର୍ଜନ କରାଯାଇଥାଏ । ତେବେ ଆସନ୍ତା ବର୍ଷ କ୍ଲବ ର ୨୦ ବର୍ଷ ପୂର୍ଣ୍ଣ ହେଉଥିବାରୁ ଏକ ବିଶେଷ ଆକର୍ଷଣ ସହିତ ବାଲେଶ୍ୱର ବାସିଙ୍କୁ ଏକ ନୂତନ ଅନୁଭୂତି ପ୍ରଦାନ କରିବା ପାଇଁ ଚେଷ୍ଟା ରହିବ ବୋଲି କ୍ଲବ ର ସଭାପତି ଜ୍ୟୋତି ପ୍ରକାଶ ଦାସ ଓ ପ୍ରତ୍ୟୁଷ ମହାନ୍ତି ସୂଚନା ଦେଇଛନ୍ତି ।

## ତାମୁଲିଆ ଓଭରବ୍ରିଜର କାର୍ଯ୍ୟ ଆରମ୍ଭ

ବାଲେଶ୍ୱର(ନି.ପ୍ର.)ତାମୁଲିଆ ଓଭର ବ୍ରିଜ୍ରର ମରାମତି କାର୍ଯ୍ୟ ପାଇଁ ସମସ୍ତ ପ୍ରକାର ଯାନ ବାହନର ଗତିବିଧିକୁ ପ୍ରତି ବନ୍ଧକ ଲଗା ଯାଇଛି. ଏହି ପ୍ରତିବନ୍ଧକ ତା ୦୮.୦୯.୨୬ ରିଖ ଠାରୁ ୧୪.୦୯.୨୬ ପର୍ଯ୍ୟନ୍ତ ରହିବ. ବାଲେଶ୍ୱର ଜିଲ୍ଲାର ସମସ୍ତ ଅଧିବାସୀ ପ୍ରଶାସନକୁ ସାହାଯ୍ୟ କରିବା ପାଇଁ ଅନୁରୋଧ କରାଯାଉଛି ।

## ରାଜ୍ୟର ୩୦ ଜଣ ଶିଳ୍ପୀଙ୍କ ସମେତ ହସ୍ତଶିଳ୍ପ ଗୁରୁକୁଳ ପକ୍ଷରୁ ସମ୍ମାନିତ ହେଲେ ଶିଳ୍ପୀ ଦମ୍ପତି

ବାଲେଶ୍ୱର,(ନି.ପ୍ର.): ପାରମ୍ପରିକ ହସ୍ତଶିଳ୍ପ ଗୁରୁକୁଳ, ବ୍ରହ୍ମଗିରି ପକ୍ଷରୁ ୧୪ଶ ରାଜ୍ୟସ୍ତରୀୟ ହସ୍ତଶିଳ୍ପୀ ସମ୍ମାନ ଓ ଗୁରୁ ପୂଜନ କାର୍ଯ୍ୟକ୍ରମ ଗୁରୁ ଦିବସ ଅବସରରେ ପୁରୀର ସଂସ୍କୃତି ଭବନ ପରିସରରେ କାର୍ଯ୍ୟକ୍ରମ ପାଳିତ ହୋଇ ଯାଇଛି । ଏହି ଅବସରରେ ବିଭିନ୍ନ ଜିଲ୍ଲାରୁ ୩୦ରୁ ଉର୍ଦ୍ଧ୍ୱ ପଥର, କାଠ, ଜଉ, କଂସ ପିତଳ, ବାଉଁଶ, ନଡ଼ିଆ କତା, ଟେରାକୋଟା, ପଟ୍ଟଚିତ୍ର, ପୋଥିଚିତ୍ର ଚାନ୍ଦୁଆ, ତମ୍ବା ଇତ୍ୟାଦି ହସ୍ତକଳା ଓ ହସ୍ତତନ୍ତ କାରିଗରଙ୍କୁ ସମ୍ମାନିତ କରା ଯାଇଥିଲା ।



ବାଲେଶ୍ୱର ଜିଲ୍ଲାର ଲୋକକଳା ଜଉକଣ୍ଢେଇ ପାଇଁ ଶିଳ୍ପୀ ଦମ୍ପତି କେଶୁ ଦାସ ଓ କନକଲତା ଦାସଙ୍କୁ 'ଶିଳ୍ପୀ ପରିବାର' ଓ ସୋରର ବିଶିଷ୍ଟ ପଥର ଖୋଦେଇ ଶିଳ୍ପୀ ଗୋଲକ ପାତ୍ରଙ୍କୁ 'ଶିଳ୍ପୀ କୁଳ' ସମ୍ମାନରେ ଉପହାର, ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇ ଥିଲା । ଏଥିର ହସ୍ତକଳା ବିକାଶର ଅଧିକାରୀ, କଳା - ସଂସ୍କୃତି - ଐତିହ୍ୟର ଲେଖକ ଓ ଗବେଷକ, ହସ୍ତକଳାର ଶୁଭେଚ୍ଛୁ ଓ ପ୍ରଶଂସକ ତଥା ସଂଗଠକ ଯୋଗ ଦେଇଥିଲେ । ଶେଷରେ ହସ୍ତକଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତାମାନେ ଗୁରୁମାନଙ୍କୁ ପାରମ୍ପରିକ ଢଙ୍ଗରେ ପୂଜାର୍ଚ୍ଚନା କରିଥିଲେ । ଆୟୋଜକ ସମ୍ପାଦକ କୃଷ୍ଣ ଚନ୍ଦ୍ର ମହାନ୍ତି ସମ୍ପାଦକୀୟ ପାଠ କରିଥିବା ବେଳେ ଅନ୍ୟତମ ସହଯୋଗୀ 'ସମ୍ପର୍କ' ଅନୁଷ୍ଠାନର ସମ୍ପାଦକ ସୌମେନ୍ଦ୍ର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲେଶ୍ୱର ବଜାରରେ ପିଆଜ ଦରରେ ଲାଗିଲା ନିଆଁ

ବାଲେଶ୍ୱର,(ନି.ପ୍ର.): ବାଲେଶ୍ୱର ବଜାରରେ ପିଆଜ ଦର ଏବେ ସାଧାରଣ ଖାଉଟିଙ୍କ ଚିନ୍ତା ବଢ଼ାଇଛି । ପିଆଜ କିଲୋ ପିଛା ୭୦ ଟଙ୍କା ଛୁଇଁଥିବାରୁ ଘରୋଇ ରୋଷେଇ ବଜେଟ୍ ଉପରେ ଏହାର ସିଧା ପ୍ରଭାବ ପଡ଼ିଛି । ଏହାକୁ ନେଇ ଜିଲ୍ଲାର ଖାଉଟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇଛି ।ଦୈନନ୍ଦିନ ରୋଷେଇରେ ଅତ୍ୟାବଶ୍ୟକ ପିଆଜର ଦର ବଢ଼ିବାରୁ ଅନେକ ପରିବାର ଆବଶ୍ୟକତା ଅନୁଯାୟୀ ନୁହେଁ, ହିସାବ କରି ପିଆଜ କିଣିବାକୁ ବାଧ ହେଉଛନ୍ତି ।ତରକାରି, ଡାଲମା, ମାଛ-ମାଂସ ସମେତ ବିଭିନ୍ନ ଖାଦ୍ୟ ପ୍ରସ୍ତୁତିରେ ପିଆଜର ବ୍ୟବହାର ହେଉଥିବାରୁ ଏହି ଦରବୃଦ୍ଧିର ପ୍ରଭାବ କେବଳ ଗୋଟିଏ-ଦୁଇଟି ଖାଦ୍ୟରେ ସୀମିତ ରହୁ ନାହିଁ । ଦୈନିକ ରୋଷେଇ ଖର୍ଚ୍ଚରେ ଛୋଟ ଛୋଟ ବୃଦ୍ଧି ମାସ ଶେଷରେ ଘରୋଇ ବଜେଟ୍? ଉପରେ ବଡ଼ ଚାପ ସୃଷ୍ଟି କରୁଛି ।ଇତିମଧ୍ୟରେ ଚିନି ଦର ବୃଦ୍ଧି ମଧ୍ୟ ବଜାରରେ ପ୍ରଭାବ ପକାଇଛି । ଚିନି ମହଙ୍ଗା ହେବାରୁ ମିଠା ଓ କେକ୍ ଭଳି ଖାଦ୍ୟ ସାମଗ୍ରୀର ଦର ବଢ଼ିଥିବା ବେଳେ, ଏବେ ପିଆଜ ଦରବୃଦ୍ଧି ଘରେ ଘରେ ଚିନ୍ତାର କାରଣ ହୋଇଛି ।ପିଆଜ ଦରବୃଦ୍ଧିର ସିଧା ପ୍ରଭାବ ହୋଟେଲ, ଢାବା ଓ ଛୋଟ ଛୋଟ ଖାଦ୍ୟ ବ୍ୟବସାୟ ଉପରେ ମଧ୍ୟ ପଡ଼ିଛି । ରୋଷେଇରେ ପିଆଜର ଅଧିକ ବ୍ୟବହାର ହେଉଥିବାରୁ ବ୍ୟବସାୟୀଙ୍କ ଖର୍ଚ୍ଚ ବଢ଼ିଛି । ଆଗକୁ ଏହାର ପ୍ରଭାବ ଖାଦ୍ୟ ଦର ଉପରେ ପଡ଼ିବାର ଆଶଙ୍କା ରହିଛି । ତେବେ ପ୍ରାଥମିକ ପର୍ଯ୍ୟାୟରେ ଅନେକ ହୋଟେଲରେ ଖାଦ୍ୟ ସହିତ ମାଗଣାରେ ଦିଆ ଯାଉଥିବା କଂଚା ପିଆଜ ପରିବେଷଣ ବନ୍ଦ କରି ଦିଆଯାଇଛି ।କଳିଙ୍ଗ ନଗର ନିବାସୀ ମମତା ମହାନ୍ତି ଏ ସମ୍ପର୍କରେ ପ୍ରତିକ୍ରିୟା ରଖି କହିଛନ୍ତି, "ତେଲ, ଲୁଣ, ଚିନି ସବୁ ମହଙ୍ଗା ହେଲାଣି । ପିଆଜ ଦର ଏବେ ଦୁଇଗୁଣାରୁ ଅଧିକ ହେଲା । ବାଧ ହୋଇ ପିଆଜ ବ୍ୟବହାର କମାଉଛୁ । ସରକାର ଦର ନିୟନ୍ତ୍ରଣ ଦିଗରେ ଅବିଳମ୍ବେ ଚିନ୍ତା କରିବା କଥା ।"ସେହିପରି ଚୁନଭାଟି କଲୋନୀରେ ରହୁଥିବା ତନୁଶ୍ରୀ ନାୟକ କହିଛନ୍ତି, "ପିଆଜ ଦର ଆକାଶଛୁଆଁ ହୋଇଥିବାରୁ କେମିତି ତରକାରି କରିବା ସେନେଇ ଚିନ୍ତା ରହୁଛି । ବିନା ପିଆଜରେ ଆମିଷ ରୋଷେଇ ସମ୍ଭବ ନୁହେଁ। ତେଣୁ ଚେଷ୍ଟା କଲେ ବି ବ୍ୟବହାର ବେଶୀ କମାଇବା ସମ୍ଭବ ହେଉନାହିଁ । ସହରରେ କିଏ ୬୦ ଟଙ୍କା ତ କିଏ ୭୦ ଟଙ୍କାରେ ବିକ୍ରି କରୁଛି । ତା' ଉପରେ କାହାର ନଜର ନାହିଁ ।" ସହରର ଜନୈକ ପିଆଜ ବ୍ୟବସାୟୀଙ୍କ କହିବା କଥା ହେଲା, "ଦର ଆମ ହାତରେ ନଥାଏ । ଗୋଦାମରୁ ଯେଉଁ ଦରରେ ପିଆଜ ଆସେ, ସେହି ହିସାବରେ ଆମେ ବିକ୍ରି କରୁ । ଏବେ ପିଆଜ ଆସିବା ବହୁତ କମିଛି । ବନ୍ୟା ଯୋଗୁଁ ଯୋଗାଣ ପ୍ରଭାବିତ ହୋଇଥିବା କୁହାଯାଉଛି । ପିଆଜ ଯୋଗାଣ ସ୍ୱାଭାବିକ ହେଲେ ହିଁ ଦର କମିବ ।" ପିଆଜ ଭଳି ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଦର ଏଭଳି ବଢ଼ି ଚାଲିଲେ ଏହାର ସିଧା ପ୍ରଭାବ ନିମ୍ନ ଓ ମଧ୍ୟବିତ ପରିବାର ଉପରେ ପଡ଼ିବ ବୋଲି ଖାଉଟି ମହଲରେ ଚିନ୍ତା ପ୍ରକାଶ ପାଇଛି । ବଜାରରେ ପିଆଜ ଦର ନିୟନ୍ତ୍ରଣ, ଯୋଗାଣ ବ୍ୟବସ୍ଥା ସ୍ୱାଭାବିକ କରିବା ସହ କଳାବଜାର ଉପରେ ନଜର ରଖିବାକୁ ଖାଉଟିମାନେ ଦାବି କରିଛନ୍ତି ।




## ଆଳୁ ୫ କିଲୋକୁ ପିଆଜ କିଲେ

ବ୍ୟକ୍ତି ଜଣକ ହଠାତ୍ ଆଳୁ ଦୋକାନରେ ପହଂଚି ଦୋକାନୀକୁ କହିଲେ ୫ କିଲୋ ଆଳୁ ଦିଅ, ପିଆଜ କିଲେ ଦିଅ । ଦୋକାନୀ ତତ୍କ୍ଷଣାତ ହିସାବ କରି କହିଲେ ଆଳୁ ୫କିଲୋକୁ ୬୦ଟଙ୍କା, ପିଆଜ କିଲୋକୁ ୬୦ଟଙ୍କା । ଏଯାବତ୍ ମୋଟ ୧୨୦ ଟଙ୍କା ମୂଲ୍ୟ ହୋଇଛି । ଅପରପକ୍ଷରେ ରସୁଣ ଏବଂ ଅଦା କଥା କହିଲେ ନସରେ ।

# ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପକ୍ଷରୁ ବାଲେଶ୍ୱରରେ ଆୟୋଜିତ ହେଲା ପରିବେଶ ସଚେତନତା ଅଭିଯାନ

ବାଲେଶ୍ୱର (ନି.ପ୍ର.): ପରିବେଶ ସୁରକ୍ଷା ଓ ସଚେତନତାର ବାର୍ତା ନେଇ ସୋମବାର ବାଲେଶ୍ୱରରେ ଏକ ପରିବେଶ ସଚେତନତା ଅଭିଯାନ ଆୟୋଜିତ ହୋଇଯାଇଛି । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବାଲେଶ୍ୱର ଆଂଚଳିକ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ଅଭିଯାନରେ ବୃକ୍ଷରୋପଣ, ସଫେଇ, ଚାରା ବ[ନ ଓ ପରିବେଶ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ସାମିଲ ଥିଲା ।ବାଲେଶ୍ୱର ସ୍କୁଲ ଅଫ୍ ଇଞ୍ଜିନିୟରିଂ ପରିସରରୁ ଆରମ୍ଭ ହୋଇଥିବା ଏହି ସଚେତନତା ପରିକ୍ରମା ମିର୍ଜା ପୋଖରୀ ପର୍ଯ୍ୟନ୍ତ ଯାଇଥିଲା । ଅଂଶଗ୍ରହଣକାରୀମାନେ ପରିବେଶ ସୁରକ୍ଷାର ବାର୍ତା ପ୍ରଚାର କରିବା ସହ ମିର୍ଜା ପୋଖରୀର ଚତୁଃପାର୍ଶ୍ୱ ଏବଂ ସାଇ ମନ୍ଦିର ପ୍ରାଙ୍ଗଣରେ ସଫେଇ କାର୍ଯ୍ୟ କରିଥିଲେ ।ଏହି ଅଭିଯାନରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କର୍ମଚାରୀଙ୍କ ସମେତ ବାଲେଶ୍ୱର ସ୍କୁଲ ଅଫ୍ ଇଞ୍ଜିନିୟରିଂର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ସ୍କୁଲ ପରିସରରେ ବୃକ୍ଷରୋପଣ ସହ ଚାରା ବଂଟନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା । ପ୍ଲାଷ୍ଟିକ ବ୍ୟବହାରର ବିକଳ୍ପ ଭାବେ ଜୈବ ପ୍ରକ୍ରିୟାକୃତ ପାତ୍ରରେ ଅଂଶଗ୍ରହଣକାରୀମାନଙ୍କୁ ଖାଦ୍ୟ ପରିବେଷଣ କରାଯାଇଥିଲା । ଏଥିସହ ପରିବେଶ ଅନୁକୂଳ ସରଞ୍ଜାମ ମଧ୍ୟ ବଂଟନ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ସମସ୍ତ ଅଂଶଗ୍ରହଣକାରୀ ପରିବେଶ ସୁରକ୍ଷା ସମ୍ପର୍କିତ ଶପଥ



ପାଠ କରିଥିଲେ ।ଏହି କାର୍ଯ୍ୟକ୍ରମକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଂଚଳିକ ଅଧିକାରୀ ମନମୋହନ ମୁର୍ମୁଙ୍କ ନେତୃତ୍ୱରେ ଇଞ୍ଜିନିୟର ଓ ବୈଜ୍ଞାନିକ ଇଂ. ଅନିଲ କୁମାର ବାରିକ, ଭୀମ ଚରଣ ମଣ୍ଡି, ପ୍ରଦୀପ କୁମାର ରାଉତ, ଧନେଶ କୁମାର, ରାଧା ମାଧବ ପାଠୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ପରିଚାଳନା କରିଥିଲେ । ବାଲେଶ୍ୱର ସ୍କୁଲ ଅଫ୍ ଇଞ୍ଜିନିୟରିଂର ଅଧ୍ୟକ୍ଷ କରୁଣାକର ମହାଳିକଙ୍କ ସମେତ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଏଥିରେ ସହଯୋଗ କରିଥିଲେ ।

# ଗୋଟିଏ କମ୍ୟୁନିଟି ସେଂଟର ନିର୍ମାଣ ପାଇଁ ଦୁଇ ଜାଗାରେ ୨ଟି ଫଳକ

ନୀଳଗିରି, (ନିପ୍ର): ଏକ ଗ୍ରାମରେ ଗୋଟିଏ କମ୍ୟୁନିଟି ସେଂଟର ନିର୍ମାଣ ପାଇଁବିଭାଗ ପକ୍ଷରୁ ସ୍ଥାନ ନିର୍ଧାରଣ ହୋଇ କାର୍ଯ୍ୟାଦେଶ ସାରିଥିବା ବେଳେ ଏହାକୁ ବେଖାତିର କରି କିଛି କୂଚକ୍ରୀ ଗୋଷ୍ଠୀ ଅନ୍ୟ ଏକ ସ୍ଥାନରେ ଆଉ ଗୋଟିଏ ସୂଚନା ଫଳକ ନିର୍ମାଣ କୁ ନେଇ ଦ୍ୱନ୍ଦ ଉପୁଜିଛି । ଢ୍ୱେ ସ୍ଥାନୀୟ ସରପଂଚ ଙ୍କ ସହିତ କିଛି ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ପାଖରେ ଫେରାଦ ହୋଇ ପୂର୍ବରୁ ନିର୍ଧାରଣ ସ୍ଥାନ ରେ କମ୍ୟୁନିଟି ସେ[ର ନିର୍ମାଣ ପାଇଁ ଦାବୀ କରିଛନ୍ତି । ସୂଚନା ଯୋଗ୍ୟ ନୀଳଗିରି ପଂଚାୟତ ସମିତି ଅଧିନସ୍ଥ ଭଉଁରିଆବାଡ଼ ପଂଚାୟତ କମାର ଖାଲିଆ ଗ୍ରାମର ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ୨୦୨୬-୨୭ମସିହା ଆର୍ଥିକ ବର୍ଷ ରେ ୫ଲକ୍ଷ ଟଙ୍କା ଅନୁଦାନରେ ବନମାଳୀ ସିଂ ଘର ପାଖରେ ଏକ ନୂତନ କମ୍ୟୁନିଟି ସେଂଟର ନିର୍ମାଣ ପାଇଁ ସ୍ଥାନ ସ୍ଥିର ହୋଇ ବିଭାଗୀୟ ଯନ୍ତ୍ରୀ ଙ୍କ ନାମରେ କାର୍ଯ୍ୟାଦେଶ ପରେ ସୂଚନା ଫଳକ ତିଆରି ସାରିଛି । ହେଲେ ଗ୍ରାମର କିଛି କୂଚକ୍ରୀ ଗୋଷ୍ଠୀ ଅନତି ଦୂରରେ ଥିବା ଅଙ୍ଗନବାଡି ସେଂଟର ସ୍ଥିତ ପୋଖରୀ ହିଡାରେ ସମାନ ସୂଚନା ଫଳକ ନିର୍ମାଣ କରି ସେଥିରେ ମଧ୍ୟ ବନମାଳୀ ସିଂ ଘର ପାଖରେ ନୂତନ କମ୍ୟୁନିଟି ସେ[ର ନିର୍ମାଣ ପାଇଁ ଏକା ପ୍ରକାରର ସୂଚନା ଫଳକ ଲଗାଇଥିବା ଦେଖିବାକୁ ମିଳିଛି । ଏନେଇ ଗ୍ରାମର ବନମାଳୀ ସିଂ, ବୁଦ୍ଧିରାମ ସିଂ,ଚୌଧୁରୀ ସିଂ, ସିଂରାୟ ସିଂ, ଶଙ୍କର ସିଂ, ବାମଦେବ ସିଂ, ସୁରେଶ ସିଂ, ପଣ୍ଡା ସିଂ, ସୀତାରାମ ସିଂ,ସନ୍ତୋଷ ସିଂ, କାର୍ତିକ ସିଂ,ମଦନ ସିଂ ଙ୍କ ପୁଅ ରାଜେଶ ସିଂ ସମେତ ବହୁ ଗ୍ରାମ ବାସୀ ସମେତ ସ୍ଥାନୀୟ ସରପଂଚସଞ୍ଜୟ କୁମାର ସିଂ ଆଜି ନୀଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡ଼ା ଙ୍କୁ ସାକ୍ଷାତ କରି ପୂର୍ବ ନିଧାର୍ଯ୍ୟ ସ୍ଥାନରେ ହେବା ନେଇ ଦାବୀ କରିଛନ୍ତି ।ଘଟଣା ସମ୍ପର୍କରେ ବିଡ଼ିଓ ବିକ୍ରମ କେଶରୀ ପରିଡା ଙ୍କୁ ପଚାରିବାରୁତଦନ୍ତ କରି କାର୍ଯ୍ୟ ନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି ।

# ଆଦର୍ଶ ବିଦ୍ୟାଳୟ ସ୍ଥାପନ ନିମନ୍ତେ ରୋହିବାଙ୍କ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ଭୂଦାନ



ନୟାଗର(ନିପ୍ର): ନୟାଗଡ ଜିଲ୍ଲା ଓଡଗାଁ ବ୍ଲକ ରୋହିବାଙ୍କ ଗ୍ରାମବାସୀ ଓ ରୋହିବାଙ୍କ ଉଚ୍ଚ ବିଦ୍ୟାଳୟ, ପରିଚାଳନା କମିଟିଙ୍କ ମିଳିତ ସହଯୋଗରେ ପ୍ରାୟ ୩୦ ଜଣରୁ ଅଧିକ ପୁରୁଷ ଓ ମହିଳା ଓଡଗାଁ ତହସିଲଦାରଡ଼ଃ ମାନସ ରଞ୍ଜନ ଭୋଇ ମହୋଦୟଙ୍କୁ ଭେଟି ଏ ୨.୪୭ ( ଦୁଇ ଏକର ସତଚାଳିଶି )ଡ଼ିସିମିଲି ସମେତ ମୋଟ ୯ ଏକର ରୁ ଉର୍ଦ୍ଧ ଜମିପଟା ପ୍ରଦାନ କରିଛନ୍ତି । ପ୍ରକାଶ ଥାଉକି ସ୍ଥାନୀୟ ରୋହିବାଙ୍କ ପଂଚାୟତରେ ସରକାରୀ ଉଚ୍ଚ ବିଦ୍ୟାଳୟ ରୋହିବାଙ୍କ ରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ନିମନ୍ତେ ଆବଶ୍ୟକ ଜମି ଥିଲେ ମଧ ତାହା ସାବକ ପଟା ଓ କୋବଲା ହୋଇ ଦୀର୍ଘ ଦିନଧରି ବିଦ୍ୟାଳୟ ନଥିପତ୍ରରେ ନାମିତ ହୋଇ ରହିଥିଲା । ଏନେଇ ରୋହିବାଙ୍କ ଗ୍ରାମବାସୀ ପୂର୍ବତନ ଲୋକସଭା ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ କୁ ଲିଖିତ ଭାବେ ଜଣାଇ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ନିମନ୍ତେ ଦରଖାସ୍ତ ପ୍ରଦାନ କରିଥିଲେ । ଯାହାକି ପୂର୍ବତନ ସାଂସଦ ସିଂ ଙ୍କ ଉଦ୍ୟମକ୍ରମେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗଙ୍କ ଚିଠି ନଂ ୩୦୧୮ ତା ୧୧.୧୧.୨୦୨୫ ଓ ଏସ ପିଡି ଓସେପା ଙ୍କ ଚିଠି ନଂ ୪୪୮ ତା ୯.୪.୨୦୨୬ ଓ ନୟାଗଡ଼ ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କ ଚିଠି ନଂ ୧୦୪୮ ତା ୨୦.୦୪. ୨୬ ମୁତାବକ ଆବଶ୍ୟକ ଜମି ତଥ୍ୟ ପ୍ରଦାନ କରିବାକୁ ବିଦ୍ୟାଳୟ କୁ କୁହାଯାଇଥିଲା । କିନ୍ତୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ବାରିକ ବିଦ୍ୟାଳୟ ନାମରେ ଥିବା ମାତ୍ର ଏ ୧. ୨୦ ଡ଼ିସିମିଲି ବିଷୟରେ ତଥ୍ୟ ପ୍ରଦାନ କରିଥିଲେ କିନ୍ତୁ ଦୀର୍ଘ ୫୦ ବର୍ଷ ପୂର୍ବରୁ ବିଦ୍ୟାଳୟ ନାମେ ଦାନ ସୂତ୍ରେ ପ୍ରଦାନ କରିଥିବା ଆଦି ସୁବୁଦ୍ଧିଙ୍କ ୨୮ ଡ଼ିସିମିଲି, ଅରକ୍ଷିତ ପ୍ରଧାନଙ୍କ ୯୮ ଡ଼ିସିମିଲି, ଦାଶ ପ୍ରଧାନଙ୍କ ୧୨ ଡ଼ିସିମିଲି, ପୁରୁଷୋତମ ନାୟକଙ୍କ ୧ ଏକର, ଲଡୁ ପ୍ରଧାନଙ୍କ ୨୨ ଡ଼ିସିମିଲି, ରାମଚନ୍ଦ୍ର ପ୍ରଧାନଙ୍କ ୫୩ ଡ଼ିସିମିଲି, ସାରଦା ଦେବୀଙ୍କ ୩୫ ଡ଼ିସିମିଲି, ଅମୁଲ୍ୟ ପ୍ରଧାନଙ୍କ ଏକର ୧.୫୦ ଡ଼ିସିମିଲି, ଅରି ପ୍ରଧାନ, ଶ୍ୟାମ ପ୍ରଧାନ ଓ ଫକୀର ପ୍ରଧାନଙ୍କ ୩୭ ଡ଼ିସିମିଲି କୁ ବିଦ୍ୟାଳୟ ନାମେ ରେକର୍ଡ ଭୁକ୍ତ କରିବା ପାଇଁ ବଦାନ୍ୟ ବ୍ୟକ୍ତିଙ୍କ ଉତରାଧିକାରୀ ଙ୍କ ଦସ୍ତଖତ ସମେତ ରୋହିବାଙ୍କ ପଂଚାୟତ ସରପଂଚ ମହନ୍ତ ବେହେରାଙ୍କ ଦସ୍ତଖତ ଥିବା ୨୦୦ରୁ ଅଧିକ ଜଣଙ୍କ ଦରଖାସ୍ତ କୁ ଡ଼ଃ ଭୋଇଙ୍କୁ ପ୍ରଦାନ କରିଥିଲେ । ଏହି ସମସ୍ତ ସାବକ କବଲା କୁ ବିଦ୍ୟାଳୟ ନାମେ କରାଇବା କାର୍ଯ୍ୟକୁ ତରାନ୍ୱିତ କରାଇବା ପାଇଁ ଓଡଗାଁ ତହସିଲଦାରଙ୍କ ଠାରୁ ପ୍ରତିଶ୍ରୁତି ମିଳିଥିବାରୁ ଗ୍ରାମବାସୀ ମାନେ ଖୁସି ବ୍ୟକ୍ତ କରିଥିଲେ । ଓଡଗାଁ ତହସିଲଦାର ଡ଼ଃ ମାନସ ରଞ୍ଜନ ଭୋଇ ତୁରନ୍ତ କୋମଣ୍ଡ ରାଜସ୍ୱ ଅଧିକାରୀ ପ୍ରଶାନ୍ତ ନାୟକଙ୍କୁ ଏ ସମ୍ବଳିତ ବିଷୟରେ ତଥ୍ୟ ପ୍ରଦାନ କରିବା ପାଇଁ ପଠାଇଥିବା ଜଣାପଡିଛି । ରୋହିବାଙ୍କ ଗ୍ରାମ ସଭାପତି କୃଷ୍ଣ ମାହାଙ୍କୁଡ଼, ସୁରେନ୍ଦ୍ର ସେଠି, ମିନାକ୍ଷୀ ପାତ୍ର, ଗୋଲାପ ମାହାଙ୍କୁଡ, ଦୁଲାରାମ ସୋରେନ, ଦେବରାଜ ନାୟକ, କୁନି ମାହାଙ୍କୁଡ, ବୁଲୁ ନାୟକ, ରାଧାଗୋବିନ୍ଦ ନାୟକ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ସେନାପତି ଙ୍କ ସହିତ ସମସ୍ତ ସଭ୍ୟ ସଭ୍ୟା, ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ମିଳିତ ସହଯୋଗ କ୍ରମେ ବିଦ୍ୟାଳୟ ରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ସ୍ଥାପନ ଆଶା ଉଜ୍ଜୀବିତ ହୋଇଥିବା ଜଣାପଡିଛି ।

# ଜଙ୍ଗଲ ଜମି ପଟ୍ଟା ବଂଟନ ଶିବିର ଅନୁଷ୍ଠିତ



ଉଦଳା(ନିପ୍ର): କପ୍ତିପଦା ଉପଖଣ୍ଡର ଉଦଳା ବ୍ଲକ ପରିସର ରେ ୮.୯.୨୬. ରିଖ ରେ ୮୦ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ବଂଟନ କାର୍ଯ୍ୟକ୍ରମ ବ୍ଲକ ବୈଠକ ଗୃହ ରେ ଅନୁଷ୍ଠିତ ହୋଇଯାଇଛି । ଉଦଳା ବିଧାୟକ ତଥା ମୟୂରଭଞ୍ଜ ଜିଲ୍ଲା ଯୋଜନା ବୋର୍ଡ଼ର ଅଧକ୍ଷ ଭାସ୍କର ମଡ଼େଇ ଯୋଗ ଦେଇ ୮୦ ଜଣ ଯୋଗ୍ୟ ହିତାଧିକାରୀ ଙ୍କୁ ଜମି ପଟା ବଂଟନ କରିଥଲେ । ଉଦଳା ବ୍ଲକ ଖଲାଡି ପଂଚାୟତ ଅଧିନରେ ଥିବା ହିତାଧିକାରୀଙ୍କ ପାଇଁ ଏହି ଜଙ୍ଗଲ ଜମି ପଟ୍ଟା ବଂଟନ ଶିବିର ଅନୁଷ୍ଠିତ ହୋଇଥିଲା । ଉଦଳା ବିଧାୟକଙ୍କ ଉପସ୍ଥିତିରେ ପଂଚାୟତ ଅଧୀନସ୍ଥ ବିଭିନ୍ନ ଗ୍ରାମରୁ ଆସିଥିବା ହିତାଧିକାରୀଙ୍କୁ ଜଙ୍ଗଲ ଜମିର ପଟ୍ଟା ବଂଟନ କରାଯାଇଥିଲା । ଦୀର୍ଘଦିନ ଧରି ଜଙ୍ଗଲ ଜମିରେ ନିର୍ଭରଶୀଳ ଥିବା ହିତାଧିକାରୀ ମାନେ ଜମିର ଅଧିକାର ପାଇବା ପରେ ବେଶ ଖୁସି ପ୍ରକାଶ କରିଥିଲେ । ଏହି ଶିବିରରେ ଉଦଳା ବିଧାୟକଙ୍କ ସହ ଉଦଳା ବିଡିଓ ସମରଜିତ କର, ଉଦଳା ତହସିଲଦାର, ଖଲାଡି ଆର ଆଇ ସମେତ ବ୍ଲକ ଓ ତହସିଲର ବିଭିନ୍ନ କର୍ମଚାରୀ ଉପସ୍ଥିତ ରହି ହିତାଧିକାରୀଙ୍କୁ ପଟ୍ଟା ବଂଟନ ପ୍ରକ୍ରିୟାରେ ସହଯୋଗ କରିଥିଲେ । ଜଙ୍ଗଲ ଜମିର ଅଧିକାର ପାଇବା ଦ୍ୱାରା ହିତାଧିକାରୀଙ୍କ ଜୀବନଜୀବିକା ଆହୁରି ସୁଦୃଢ଼ ହେବ ବୋଲି ଆଶା ପ୍ରକାଶ ପାଇଛି । ତେବେ ବାଦ ପଡିଥିବା ହିତାଧିକାରୀ ଙ୍କୁ ଚିହ୍ନଟ କରି ପରବର୍ତୀ ସମୟ ରେ ଜମି ପଟ୍ଟା ଯୋଗାଇ ଦିଆଯିବ ବୋଲି ଉଦଳା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧକ୍ଷ ଭାସ୍କର ମଡେଇ ସୂଚନା ଦେଇଥିଲେ ।

# ୧୬ ବସ୍ତା ଦେଶୀ ମଦ ଜବତ, ଜଣେ ଗିରଫ

ଧାମନଗର(ନିପ୍ର): ଅଙ୍ଗନୱାଡ଼ି କେନ୍ଦ୍ର ପରିସରରେ ଥିବା ଭଙ୍ଗା ପାଇଖାନା ପାଲଟିଥିଲା ଚୋରା ଦେଶୀ ମଦର ଗୋଦାମ । ଏଠାରେ ବିପୁଳ ପରିମାଣର ଦେଶୀ ମଦ ମହଜୁଦ ଥିବା ଖବର ପାଇ ଭଦ୍ରକ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ସକାଳେ ଅଚାନକ ଚଢ଼ାଉ କରିଥିଲେ । ଚଢ଼ାଉ ବେଳେ ଉକ୍ତ ଭଙ୍ଗା ପାଇଖାନା ଘରୁ ୧୬ ବସ୍ତା ଦେଶୀ ମଦ ଜବତ ହୋଇଥିବା ବେଳେ ଚୋରା ମଦ କାରବାର ଅଭିଯୋଗରେ ପପୁ ମୁଦୁଲି ନାମକ ଜଣେ ବ୍ୟକ୍ତିଙ୍କୁ ଅବକାରୀ ବିଭାଗ ଗିରଫ କରିଛି । ଜବତ ମଦର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାପଡ଼ିଛି । ସୂଚନାନୁଯାୟୀ, ଧାମନଗର ବ୍ଲକ ଧୁଷୁରୀ ଥାନା ଅନ୍ତର୍ଗତ କଟସାହି ପଂଚାୟତର ମୁଦୁଲିସାହି ଅଙ୍ଗନୱାଡ଼ି କେନ୍ଦ୍ର ପରିସରରେ ଏକ ପୁରୁଣା ପାଇଖାନା ଘରୁ ଏହି ମଦ ବାହାର କରାଯାଇ ଥିଲା । ତେବେ ଭଦ୍ରକ ଅବକାରୀ ବିଭାଗର ଏକ ଟିମ୍ ମୁଦୁଲିସାହି ଅଙ୍ଗନୱାଡ଼ି କେନ୍ଦ୍ରରେ ପହଂଚି ଅଚାନକ ଚଢ଼ାଉ କରିଥିଲେ । ତଲାସି ବେଳେ ପୁରୁଣା ଭଙ୍ଗା ପାଇଖାନା ଘର ଭିତରୁ ଜରି ପାଉଚରେ ଭର୍ତି ୧୬ ବସ୍ତା ଦେଶୀ ମଦ ମିଳିଥିଲା । ପରେ ଅବକାରୀ ବିଭାଗ ମଦକୁ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ପପୁ ମୁଦୁଲିଙ୍କୁ ଗିରଫ କରିଥିବା ଜଣାପଡ଼ିଛି ।

# ଗେଟରେ ତାଲା ପକାଇ ଧାରଣାରେ ବସିଲେ ଗ୍ରାମବାସୀ ଛାତ୍ରଛାତ୍ରୀ



ଖଇରା(ନିପ୍ର): ଖଇରା ବ୍ଲକ ବାଉଁଶଗଡିଆ ପଂଚାୟତ ଅଧୀନ ବରପଦାସ୍ଥିତ ଶାନ୍ତିଲତା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ସହକାରୀ ଶିକ୍ଷୟତ୍ରୀ ତମାଳ ବାରିକଙ୍କୁ ବଦଳୀ କରାଯିବାକୁ ନେଇ ପରିଚାଳନା କମିଟି, ଅଭିଭାବକ ତଥା ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି । ପ୍ରତିବାଦ ସ୍ୱରୁପ ମଙ୍ଗଳବାର ସ୍କୁଲ ଖୋଲିବା ପୂର୍ବରୁ ଛାତ୍ରୀଛାତ୍ର ଠାରୁ ଆରମ୍ଭ କରି ଗ୍ରାମବାସୀ ଓ ଅଭିଭାବକ ମାନେ ବିଦ୍ୟାଳୟ ଗେଟରେ ତାଲା ପକାଇ ସ୍କୁଲ ଛୁଟି ପର୍ଯ୍ୟନ୍ତ ଧାରଣାରେ ବସି ରହିଥିଲେ । ଅତିରକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀଧର ସିଂ ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲେ ହେଁ ଅସନ୍ତୁଷ୍ଟ ଗ୍ରାମବାସୀ ବଦଳୀ ବାତିଲ ନହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ପରିଚାଳନା କମିଟି ସଭାପତି କାହ୍ନୁ ଚରଣ ମହାନ୍ତି ଚେତାବନୀ ଦେଇଛନ୍ତି । ବିଦ୍ୟାଳୟରେ ଶିଶୁବାଟିକାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୧୮୦ ପିଲା ପଢୁଥିବା ବେଳେ ୬ଜଣ ଶିକ୍ଷକଶିକ୍ଷୟତ୍ରୀ କାର୍ଯ୍ୟରତ ଥିଲେ । ଗତ ମେ ମାସରେ ସହକାରୀ ଶିକ୍ଷୟତ୍ରୀ ବିଣାପାଣି ସାହୁଙ୍କୁ ସୋର ବ୍ଲକ କୁ ବଦଳୀ କରିଥିଲେ । ସେପ୍ଟେମ୍ବର ୫ରେ ପୁନଶ୍ଚ ଅନ୍ୟତମ ସହକାରୀ ଶିକ୍ଷୟତ୍ରୀ ତମାଳ ବାରିକଙ୍କୁ ଗଡ ୟୁପି ସ୍କୁଲକୁ ବଦଳୀ କରାଯିବା ପରେ ଗ୍ରାମବାସୀ ଓ ଛାତ୍ରୀଛାତ୍ର ଉତକ୍ଷିପ୍ତ ହୋଇ ପଡିଥିଲେ । ପ୍ରତିବାଦ ସ୍ୱରୁପ ମଙ୍ଗଳବାର ଠାରୁ ଅନଶନ ଆରମ୍ଭ ହୋଇଛି । ପରୀକ୍ଷାକୁ ଆଉମାତ୍ର ୨୦ଦିନ ଥିବା ବେଳେ ଏଭଳି ବଦଳୀ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଗ୍ରାମର ଶଶିକାନ୍ତ ଦାସ କହିଛନ୍ତି ।

# ବିଡବ୍ଲୁଏର ଭବ୍ୟ ବାର୍ଷିକ ଉତ୍ସବ ସମାରୋହ



କଟକ(ନିପ୍ର): ଗ୍ରାଣ୍ଡ ମଣ୍ଡପ ଠାରେ ଓଡିଶା ବିଉଟିସିଆନ କଲ୍ୟାଣ ସଂଘର ପଂଚମ ବାର୍ଷିକ ସମ୍ମିଳନୀ ହର୍ଷ ଉଲ୍ଲାସରେ ନୃତ୍ୟ ଗୀତ ସଙ୍ଗୀତର ତାଳେ ତାଳେ ଆନୁଷ୍ଠାନିକ ଭାବରେ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ହେୟାର ଆଣ୍ଡ ଭାରତ ବିଉଟି ଫେଡେରେସନର ପ୍ରତିଷ୍ଠାତା ସଭାପତି ଅଶୋକ ପଲିୱାଲ ଯୋଗଦେଇ କହିଲେ ଯେ ସୌନ୍ଦର୍ଯ୍ୟ ପାଇଁ ଏକାଠି, କଲ୍ୟାଣ ପାଇଁ ଏକାଠି ଓ ଏକତା ପାଇଁ ଏକାଠି ହେବା ଅତ୍ୟନ୍ତ ଜରୁରୀ । ଏହା ଦ୍ୱାରା ପ୍ରତ୍ୟେକଙ୍କ ମଧ୍ୟରେ ଭଲ ପାଇବା ଓ ସ୍ନେହ ପ୍ରେମ, ଆଦର ଓ ସମ୍ମାନ ବୃଦ୍ଧି ପାଇବ ।ଭାରତ କେଶ ଏବଂ ସୌନ୍ଦର୍ଯ୍ୟ ମହାସଂଘର ଉପାଧକ୍ଷ ଉଦୟ ଟାକକ୍ସେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବିଉଟିସିଆନ ମାନଙ୍କୁ ଉତ୍ସାହିତ କରିଥିବାବେଳେ ତାଙ୍କ ସହଯୋଗୀମାନେ ଉପସ୍ଥିତ ହୋଇ ସହଯୋଗ କରିଥିଲେ । ଏହି ବି ଡବ୍ଲୁ ଏ ସମାଜରେ ବହୁ ସେବା ମୂଳକ କାର୍ଯ୍ୟ କରି ରାଜ୍ୟରେ ଅଗ୍ରଣୀ ସଂଗଠନ ଭାବରେ ଚର୍ଚ୍ଚାରେ ରହିଛି । ରକ୍ତଦାନ, ଖାଦ୍ୟ ବଂଟନ, କର୍କଟ ରୋଗରେ ପୀଡ଼ିତଥିବା ରୋଗୀ ମାନଙ୍କୁ ସହାୟତା ପ୍ରଦାନ କରିବାର ଦେଖାଯାଇଛି । ପାଂଚ ହଜାରରୁ ଅଧିକ ସଭ୍ୟା ଏହି ସଂଗଠନରେ ଅଂଶ ଗ୍ରହଣ କଲେଣି । ଏହି କାର୍ଯ୍ୟକ୍ରମରେ ଦୁଇ ହଜାରରୁ ଅଧିକ ସଭ୍ୟା ଯୋଗଦେଇ ଆମୋଦ ପ୍ରମୋଦରେ ହଜି ଯାଇଥିଲେ । କିଏ ସେଲ୍ଫି ନେଉଛନ୍ତି ତ କିଏ ନୃତ୍ୟ ପରିବେଷଣ କରି ବିଦଗ୍ଧ ଦର୍ଶକ ମାନଙ୍କର ହୃଦୟକୁ ଜିଣି ଯାଉଥିଲେ । ଏହି କାର୍ଯ୍ୟକ୍ରମକୁ ନେତୃତ୍ୱ ନେଇ ପରିଚାଳନା କରିଥିଲେ ରାଜ୍ୟ ସଭାପତି ସୁପ୍ରିୟା ମିଶ୍ର, ସାଧାରଣ ସମ୍ପାଦିକା ସୁନିତା ରାୟ ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ଆଗେଇ ନେଇ ଥିଲେ । ସର୍ବ ଶେଷରେ ଉପସଭାପତି କ୍ରିଷ୍ଟାପ୍ରିୟା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୋଲେରୋ ଓ ମାରଣାସ୍ତ୍ର ଜବତ, ୭ ଗିରଫ

ସୋର(ନିପ୍ର): ସୋର ପୁଲିସ ପକ୍ଷରୁ ଏକ ହୋଟେଲରେ ଚଢ଼ାଉ କରାଯାଇ ୭ଜଣ ଡକାୟତଙ୍କୁ ଗିରଫ କରାଯିବା ସହିତ ସେମାନଙ୍କ ନିକଟରୁ ମାରଣାସ୍ତ୍ର ଜବତ କରାଯାଇଛି । ସୂଚନା ଅନୁସାରେ; ଅପରାହ୍ନରେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ଥିବା ମୋନାଲି ହୋଟେଲରେ ସାତ ଜଣ ଯୁବକ ଡକାୟତି କରିବା ପାଇଁ ଯୋଜନା କରୁଥିବା ନେଇ କୌଣସି ସୂତ୍ରରୁ ସୋର ପୁଲିସକୁ ଖବର ମିଳିଥିଲା । ପରେ ସୋର ଥାନାଧିକାରୀ ଅନୁରାଗ ମହାନ୍ତିଙ୍କ ନିର୍ଦ୍ଦେଶରେ ଏସଆଇ ପ୍ରୀତିଜିତ ମହାନ୍ତି ଓ ଶୁଶିଲ କୁମାର ମହନ୍ତଙ୍କୁ ନେଇ ଗଠିତ ଏକ ଟିମ ଉକ୍ତ ହୋଟେଲ ଉପରେ ଚଢ଼ାଉ କରି ସୋର ଅଂଚଳର ସେକ ସମରାଜ, ସେକ ସାହିଲ, ସାୟଦ ଅଲ୍ଲୀ, ସେକ ଅଶ୍ରଫଲ, ସେକ ଆବୁ ରହିମ, ସେକ ମୀରାଜ ଓ ଔପଦା ଅଂଚଳର ପ୍ରକାଶ ବିଶ୍ୱାଳକୁ ଥାନାକୁ ଆଣି ପଚରା ଉଚରା କରିବା ସହିତ ସେମାନେ ବ୍ୟବହାର କରୁଥିବା ଓଡି ୦୨ ସିବି ୧୫୩୦ ନମ୍ବର ବିଶିଷ୍ଟ ବୋଲେରୋକୁ ଜବତ କରି ସେଥିରୁ ଏକ ତେଲେଙ୍ଗା କଟୁରୀ, ଏକ ଖଣ୍ଡା ସମେତ ବିୟର ବୋତଲ ଜବତ କରାଯାଇଥିଲା । ଏନେଇ ପୁଲିସ ୬୫୨/୨୬ ରେ ଏକ ମାମଲା ରୁଜୁ କରି ଆଜି ମଧ୍ୟାହ୍ନରେ ସମସ୍ତଙ୍କୁ କୋର୍ଟ ଚାଲାଣ କରିବା ସହିତ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି । ପ୍ରକାଶ ଥାଉକି ଏହି ୭ଜଣ ଅଭିଯୁକ୍ତଙ୍କ ନାମରେ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବିଭିନ୍ନ ଥାନାରେ ଏକାଧିକ ଅପରାଧିକ ମାମଲା ଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି ।

# ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦୁଇଟି ଚିକିତ୍ସାଳୟ କେନ୍ଦ୍ର ଯାଂଚ

ସିମୁଳିଆ(ନିପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନ ପକ୍ଷରୁ ସିମୁଳିଆରେ ଦୁଇଟି ଚିକିତ୍ସାଳୟକୁ ଯାଂଚ କରିଥିବା ଜଣା ଯାଇଛି । ସୂଚନାରୁ ପ୍ରକାଶ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସିମୁଳିଆ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଆରୋଗ୍ୟ ହେଲଥକେୟାର ଓ ମାର୍କୋଣା ରିୟା ଗ୍ରାମରେ ଅବସ୍ଥିତ ନନ୍ଦିଘୋଷ ହେଲଥକେୟାରକୁ ଯାଇ କାଗଜ ପତ୍ର ଯାଂଚ କରିଥିଲେ । ଏଥି ସହିତ ପ୍ରତ୍ୟେକ ବିଭାଗ ନିମନ୍ତେ ଆବଶ୍ୟକ ମୁତାବକ କର୍ମଚାରୀ ଓ ଅନ୍ୟାନ୍ୟ ଜିନିଷ ତଦନ୍ତ କରିଥିବା ଜଣାଯାଇଛି । ତେବେ ତଦନ୍ତ ସମୟରେ ସେମିତି କିଛି ଅନିୟମିତତା ହେଉଥିବା ନଜରକୁ ଆସି ନ ଥିବା ଜଣାଯାଇଛି । ଏହି ତଦନ୍ତ ସମୟରେ ଦୁଇ ଜଣିଆ ଟିମ ସହ ସିମୁଳିଆ ତହସିଲଦାର ସୌମ୍ୟରଞ୍ଜନ ମହାପାତ୍ର, ସିଡିପିଓ ଖୁଲଣା ସୁନ୍ଦରୀ ଜେନା ଓ ସିମୁଳିଆ ପୋଲିସ ଉପସ୍ଥିତ ଥିଲେ । ଏ ସଂକ୍ରାନ୍ତରେ ତହସିଲଦାର ଶ୍ରୀ ମହାପାତ୍ରଙ୍କୁ ଯୋଗାଯୋଗ କରିବାରୁ ଜିଲ୍ଲାପାଳଙ୍କ ନୁର୍ଦ୍ଦେଶ କ୍ରମେ ଏହି ତଦନ୍ତ ହୋଇଛି ।


## AFFIDAVIT

By virtue of an affidavit from before Executive Magistrate, Balasore on dtd. 25.08.2026 I Ajaya Kumar Jena, aged 58 years, S/o- Krupasindhu Jena, At- Qtr. No. G15/5, Birla Tyres Colony, Po- Chhanpur, Ps- Industrial, Dist- Balasore declare that my name always spell as Ajaya Kumar Jena instead of Ajay Kumar Jena. Hence forth I shall be known as Ajaya Kumar Jena for all purpose. Myself Ajaya Kumar Jena and Ajay Kumar Jena both are one and same.

**Sd/-**
**Ajaya Kumar Jena**



No. 32001/831/2627


**GOVERNMENT OF ODISHA DEPARTMENT OF WATER RESOURCES**
**Office of the Superintending Engineer**
**Deo Head Works Division, Karanjia,**
**At/Po- Karanjia, Dist- Mayurbhanj - 757037**
**"e" Procurement Notice**
**Bid Identification No.: 04 / SEDHWD of 2026-27**

| | | |
|---|---|---|
| 1. | Name of the Work | Civil Work |
| 2. | Number of Works | 02 (Two) Nos of Individual Work |
| 3. | Approximate amount put to tender | 19.55 Lakh, 13.32 Lakh |
| 4. | Period of Completion | 06(six) Calendar Months |
| 5. | Class of Contractor | "D" & "C" Class Contractor |
| 6. | Date & Time of Availability of Bid document in the portal | Dt. 11.09.2026- 10A.M. : 25.09.2026 up to 5.30 PM. |
| 7. | Last date & time of seeking tender clarification | Dt.22.09.2026 up to 1.00PM |
| 8. | Last date & time of receipt of Bids in the Portal | Dt. 25.09.2026 up to 5.30 PM |
| 9. | Date, time & place of opening of Technical Bid/s(Cover-I) | Dt. 28.09.2026 at 11.00AM in the O/o the Superintending Engineer, Deo Head Works Division, Karanjia, Mayurbhanj |
| 10. | Date, time & Place of opening of Financial Bid/s(Cover-II) | To be intimated after evaluation of Technical BID |
| 11. | Name & address of the officer inviting Bid | Superintending Engineer, Deo Head Works Division, Karanjia, At/Po- Karanjia, Ps- Karanjia, Dist- Mayurbhanj, PIN- 757037 |

Further details can be seen from the Govt. Website www.tendersodisha.gov.in. Any addendum/Corrigendum/cancellation of tender can also be seen in the said Website.

**Sd/-**
**Superintending Engineer**
**Deo Head Works Division, Karanjia**


**OIPR. 32001/32248/1/26-27/0003**





ହୃଦୟ ବଡ଼ ନହେଲେ ଧନ ଅବା ସଂପତି କୁତ୍ସିତ ଭିକ୍ଷୁକ ତୁଲ୍ୟ ଲାଗେ ।

# ଆଜିକାଲି



*ଅଯସ୍ତ୍ୱିନ୍ଦ୍ରିୟାଣି ମନସା ନିୟମ୍ୟାରଭତେଽର୍ଜୁନ*
*କର୍ମେନ୍ଦ୍ରିୟୈଃ କର୍ମଯୋଗମସକ୍ତଃ ସ ବିଶିଷ୍ୟତେ ॥*
*(ଶ୍ରୀମଦ୍ ଭଗବତ୍ ଗୀତା)*
*ଭାବାର୍ଥ : ଯେଉଁ ପୁରୁଷ ମନ ଦ୍ୱାରା ଇନ୍ଦ୍ରିୟମାନଙ୍କୁ ବଶ କରି ଅନାସକ୍ତ ହୋଇ କର୍ମଯୋଗ ଆଚରଣ କରନ୍ତି ସେ ଶ୍ରେଷ୍ଠ ଅଟନ୍ତି*

## ହସ୍ତଶିଳ୍ପୀଙ୍କ କଲ୍ୟାଣ ଓ ବିକାଶ ଯୋଜନା

ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିମିଟେଡ୍ (ଉତ୍କଳିକା) ୧୯୫୯ ମସିହାଠାରୁ ରାଜ୍ୟର ହସ୍ତଶିଳ୍ପୀମାନଙ୍କ କଲ୍ୟାଣ ଓ ବିକାଶ ପାଇଁ କାର୍ଯ୍ୟ କରିଆସୁଛି । ହସ୍ତଶିଳ୍ପୀଙ୍କୁ ବଜାର ସୁବିଧା, ବିକ୍ରୟ ବ୍ୟବସ୍ଥା, କଂଚାମାଲ ଯୋଗାଣ ଏବଂ ଆଗୁଆ-ପଛୁଆ ସଂଯୋଗ ପ୍ରଦାନ କରିବା ସହିତ ଓଡ଼ିଶାର କଳା ଓ ହସ୍ତଶିଳ୍ପର ଗୌରବକୁ ଅକ୍ଷୁଣ୍ଣ ରଖିବା ଦିଗରେ ନିଗମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ଉଦ୍ଦେଶ୍ୟରେ ୨୦୨୪-୨୫ ଏବଂ ୨୦୨୫-୨୬ ଆର୍ଥିକ ବର୍ଷରେ ବିକାଶ ଆୟୁକ୍ତ (ହସ୍ତଶିଳ୍ପ), ବସ୍ତ୍ର ମନ୍ତ୍ରଣାଳୟ, ଭାରତ ସରକାର, ନୂଆଦିଲ୍ଲୀଙ୍କ ଠାରୁ ଓଡ଼ିଶାର ୧୨ଟି ଜିଲ୍ଲାରେ ୭ଟି ଭିନ୍ନ ଭିନ୍ନ ହସ୍ତଶିଳ୍ପ ପାଇଁ ୧,୨୦୦ଟି ଉନ୍ନତ ଉପକରଣ କିଟ୍ ବଂଟନ ପାଇଁ ଅନୁମୋଦନ ମିଳିଛି । ଏହି ଯୋଜନାରେ ଚାନ୍ଦୁଆ, କାଠ, ପଥର, ଶିଙ୍ଗ, ଲୌହ, ମୃତିକା ଓ ପିତଳ ଧାତୁ ଶିଳ୍ପ ସମେତ ୭ଟି ହସ୍ତଶିଳ୍ପ କ୍ଷେତ୍ରର ଶିଳ୍ପୀମାନେ ଉପକୃତ ହେବେ । ଆପ୍ଲିକ୍ କ୍ରାଫ୍ଟ (ଚାନ୍ଦୁଆ କାମ) ଓଡ଼ିଶାର ଏକ ସ୍ୱତନ୍ତ୍ର ଓ ପ୍ରସିଦ୍ଧ ହସ୍ତଶିଳ୍ପ ପରମ୍ପରା । ପ୍ରସିଦ୍ଧ ଆପ୍ଲିକ୍ କ୍ରାଫ୍ଟକୁ ଭୌଗୋଳିକ ସଙ୍କେତ ମାନ୍ୟତା ପ୍ରାପ୍ତ ହୋଇଛି । ଏହା ଓଡ଼ିଶାର ଗର୍ବ ଏବଂ ଏହାର ପ୍ରାମାଣିକତା ଓ ସ୍ୱତନ୍ତ୍ରତାକୁ ସୁରକ୍ଷିତ କରୁଛି । ଏହି କଳାକୁ ଜୀବନ୍ତ ରଖିବା ସହିତ ଏହାକୁ ଆଧୁନିକ ବଜାର ସହିତ ଯୋଡ଼ିବା ଆମ ସମସ୍ତଙ୍କର ଦାୟିତ୍ୱ । ଉନ୍ନତ କିଟ୍ ଯୋଗାଣ ଦ୍ୱାରା ଶିଳ୍ପୀମାନଙ୍କର କାର୍ଯ୍ୟଦକ୍ଷତା, ଉତ୍ପାଦନକ୍ଷମତା, ଉତ୍ପାଦର ଗୁଣବତା ଓ ନିଖୁଣତା ବୃଦ୍ଧି ପାଇବ । ଏହାଫଳରେ ଶିଳ୍ପୀମାନେ କମ୍ ସମୟରେ ଅଧିକ ଓ ଉନ୍ନତମାନର ଉତ୍ପାଦ ପ୍ରସ୍ତୁତ କରି ଆଧୁନିକ ବଜାରର ଚାହିଦା ପୂରଣ କରିପାରିବେ । ଉତ୍କଳିକାର ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ କେବଳ ଉପକରଣ ପ୍ରଦାନ ନୁହେଁ; ବରଂ ହସ୍ତଶିଳ୍ପୀଙ୍କ ଦକ୍ଷତାକୁ ସଶକ୍ତ କରିବା, ବଜାର ସୁଯୋଗ ବଢ଼ାଇବା ଏବଂ ସେମାନଙ୍କ ଆୟ ଓ ଜୀବନଜୀବିକାକୁ ଅଧିକ ସୁଦୃଢ଼ କରିବା ଅଟେ । ଅବଶିଷ୍ଟ ଅନୁମୋଦିତ ଉପକରଣ କିଟ୍‌ଗୁଡ଼ିକ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମେ ବଂଟନ କରାଯିବ । ଦକ୍ଷ ହାତ ହେଉଛି ହସ୍ତଶିଳ୍ପର ଶକ୍ତି, ଆଧୁନିକ ଉପକରଣ ସେହି ଶକ୍ତିକୁ ନୂତନ ସଫଳତା ପ୍ରଦାନ କରିବ ।

### ତୀର୍ଯ୍ୟକ

## କହିଲେ କହିବ କହୁଛି

ଦୁନିଆରେ ସ୍ୱର୍ଗ କହିଲେ ଆମେ ପରିବାରକୁ ହିଁ ବୁଝାଇ ଥାଉ । ପରିବାର ମଧ୍ୟରେ ପ୍ରତ୍ୟେକ ସଦସ୍ୟ ସ୍ନେହ, ଶ୍ରଦ୍ଧା, ଭଲପାଇବା ମଧ୍ୟରେ ବନ୍ଧନଯୁକ୍ତ ହୋଇ ପରସ୍ପର ମଧ୍ୟରେ ଆପଣା ଭାବ ରଖି ପରିବାରକୁ କିପରି ସୁଦୃଢ଼ ଓ ସୁଶୃଙ୍ଖଳ କରାଯାଇ ତାହାର ଗୁରୁତ୍ୱ ଆଣିବା ସଂଗେ ସଂଗେ ପ୍ରତ୍ୟେକଙ୍କ ପାଇଁ ଜୀବନକୁ ଅମୂଲ୍ୟ ଭାବି ଖୁସିରେ ବଂଚି ପାରିବା ସେଥିପ୍ରତି ଗୁରୁତ୍ୱ ଦିଆଯାଇଥାଏ । ପ୍ରତ୍ୟେକ ଜୀବନରେ ହସ- କାନ୍ଦ, ସୁଖ- ଦୁଃଖ ମାଧ୍ୟମରେ ଭଗବାନ ସ୍ଥିର ରଖିଥାନ୍ତି । ତାହା ଯଦି ଜୀବନରେ ନ ରହେ ତାହାଲେ ମଣିଷ ଜୀବନର ସ୍ୱାଦ କିଛି ଜାଣିପାରିବ ନାହିଁ । ପରିବବାର ଜୀବନଧାରଣ ପରିଧି ମଧ୍ୟରେ ସବୁ କିଛି ସମସ୍ୟା, ଘଟଣା, ଦୁର୍ଘଟଣା ଘଟିବା ସୁନିଶ୍ଚିତ । ତଥାପି ତାହାରି ମଧ୍ୟରେ ଜୀବନର ଗତ ତୀଖର ଭାବେ ଚାଲିଥାଏ । କିନ୍ତୁ ଏହାକୁ ଯଦି ମଣିଷ ହୃଦୟଙ୍ଗମ ନକରି ପରିବାରକୁ ହେୟଜ୍ଞାନ କରିବା ସହ ବଡ଼ ମାନଙ୍କ କଥା ନ ବୁଝି, ଗୁରୁତ୍ୱ ନ ଦେଇ ନିଜର ଅହମିକା ବଳରେ ସେ ବଡ଼ ବୋଲି ଭାବେ ତେବେ ପରିବାର ନିଶ୍ଚିତ ଭାବେ ଛାରଖାର ହୋଇଯିବା ସହ ସେ ଅହମିକାଧାରୀ ମଣିଷ ଯେ ମୁହଁ ମାଡ଼ି ତଳେ ପଡ଼ିଯିବ ସେ କଥା ବି ସିଏ ଜାଣିପାରିବ ନାହିଁ । ଗତକାଲି ଜଣେ ପଡୋଶୀ ବ୍ୟକ୍ତି ଘରକୁ ଆସିଥିବା ବେଳେ ତାଙ୍କୁ କିଛି ସମୟ ପାଇଁ ପାଖରେ ବସି ରଖି ସବୁ ହାଲ ଚାଲ ବୁଝିଲି । କଥା ପ୍ରସଂଗରେ ସେ କହିଲେ ମାଆ ରେ ମୋତେ ଶୀଘ୍ର ଛାଡ଼ି ଦେ ନ ହେଲେ ମୋ ବୋହୂ ମୋତେ ଟଂଟିଆ ମାରି ଘରୁ ବାହାର କରିଦେବ । କି ଯୁଗ ହେଲାରେ ବାବା ବୋହୂର ପୁଣି ଏତେ ସାହସ ଆସିଲା କେଉଁଠୁ । କଥା କହୁ କହୁ କାନ୍ଦି ପକାଇ କହିଲେ ଜାଣିଚୁ ନା ଏ ବୁଢ଼ୀ ବୟସରେ କେତେ ଆଉ ପାଇଟୀ କରିମି । ଘରର ଯାବତୀୟ କାମ ସହ ରାତିରେ ବୋହୂର ମଧ୍ୟ ଗୋଡ଼ ମୋଡାମୋଡି କରିଦିଏ । କେବଳ ଯେ ମୁଁ କରେ ତାହା ନୁହେଁ ମୋ ପୁଅ ମଧ୍ୟ କରେ । ପ୍ରତ୍ୟେକ ଦିନ ରାତିରେ ମୋ ପୁଅ ଅଇଁଠା ବାସନ ମାଜି ରଖି ଦିଏ । ଆଉ ସକାଳୁ ଯେତେକ ରନ୍ଧା ବାସନ ଥାଏ ମୁଁ ମାଜି ଦିଏ । ଖାଇଲା ବେଳକୁ ଯାହା ଥିବ ନିଜେ ଆଣି ମୁଁ ଖାଏଁ । ଦେହ ଖରାପ ହେଲେ ପାଣି ମୁନ୍ଦେ ମଧ୍ୟ ଦେବାକୁ କେହି ନାହିଁ । ଜନ୍ମ କଲା ପୁଅ ମଧ୍ୟ କଷ୍ଟ ପାଉଚି । ତା' ପାଖରୁ ମୁଁ ଆଉ କି ସେବା ଚାହିଁବି । ପ୍ରତ୍ୟେକ ଦିନ ଘରେ କିଟିମିଟି ଚାଲିଛି । ବୋହୂର ସବୁବେଳେ ଗାଳିଗୁଲଜ । କେତେ ବା ସହିବି ? ଝିଅ ଘରେ କଣ ସବୁ ଦିନେ ରହି ହେବ ? କେତେ କଷ୍ଟରେ ମୁଁ ଆଉ ତ ମଉସା ଏ ଘରଟିକୁ କରିଥିଲୁ ଅଥଚ ଏ ବୁଢ଼ା ବୟସରେ ଘରଟି ମଧ୍ୟ ନିଜର ହଉନି । ସରେ କଣ ଏମିତି ଜୀବନ ବାର୍ଦ୍ଧକ୍ୟ ଅବସ୍ଥାରେ ଭୋଗିବାକୁ ପଡ଼ିବ । ଯଦି ସେମିତି ହିଁ ତାହାଲେ ଏ ଦୁନିଆରେ କଣ ଧର୍ମ ଉଠିଗଲାଣି କି ? ପୁଅ ଜନ୍ମ କରିବା କଣ ପାପ ହେବ କି? ମଲା ବେଳକୁ ସମସ୍ତେ ଚାହାଁନ୍ତି ମୁହଁରେ ପୁଅ ନିଆଁ ଦେଉ ଏବଂ ଶ୍ରାଦ୍ଧକର୍ମ ପୁଅ-ବୋହୂ ଦୁହେଁ ମିଶି କରନ୍ତୁ । ଯେଉଁ ନିଆଁଗିଳା କୁ- ସଂସ୍କାରୀ ବୋହୂ ଶାଶୁ ଘରକୁ ଆସି ଘରକୁ ଧ୍ୱଂସସ୍ତୁପରେ ପରିଣତ କରି ଦେଉଛନ୍ତି ସେମାନଙ୍କୁ ଶହେ ସଲାମ । ବୁଝି ପାରୁ ନାହାଁନ୍ତି କରୁଥିବା କର୍ମ ଯୋଗୁଁ ସେମାନଙ୍କୁ ଯେ ପରିଶେଷରେ ଭୋଗ କରିବାକୁ ପଡ଼ିବ । ବର୍ତମାନ ଠାରୁ ଯଦି ସାବଧାନ ନରହୁନ୍ତି ତାହାଲେ ନର୍କ ଯନ୍ତ୍ରଣା ଯେ କି ଭୟଙ୍କର ତାହା ଆଗାମୀ ସମୟ ହିଁ କହିବ । ଏବେ ଠାରୁ ସଜାଗ ରହି ଶାଶୁ-ଶ୍ୱଶୁର ଏବଂ ଗୁରୁଜନଙ୍କ ଠାରୁ ଆର୍ଶିବାଦ ନେବା ସହ ସାନ ମାନଙ୍କୁ ସ୍ନେହ ଶ୍ରଦ୍ଧା କରି ଭଲ ପାଇବା ଠୁଳାଇ ନିଅନ୍ତୁ ତେବେ ଯାଇ ପରିବାର ରଥ ସୁରୁଖୁରୁରେ ଗଡ଼ି ପାରିବ ଏବଂ ପରିବାର ଲୋକେ ହସ ଖୁସିରେ ଜୀବନଯାପନ କରିପାରିବେ । ତେବେ ଯାଇ ପରିବାର ଯେ ସ୍ୱର୍ଗ ତାହାର ସଠିକ୍ ନିର୍ଯ୍ୟାସ ହୋଇ ପାରିବ ।

# ଷଡ଼ରିପୁର ପ୍ରତିକ୍ରିୟା


◆ ଇଂ.ସଚ୍ଚିଦାନନ୍ଦ ନନ୍ଦ

ସଂସାରରେ ଯାହାସବୁ ଘଟି ଯାଉଛି ସେଥିରେ ବ୍ୟତିବ୍ୟସ୍ତ ହେବାର କିଛି ନାହିଁ କାରଣ ସବୁ ପରା ଆମ ଭଗବାନଙ୍କ ଦ୍ୱାରା ଘଟୁଛି । ଆମେ ଆମ ଠାରେ ଥିବା ଷଡ଼ରିପୁଙ୍କ ଦ୍ୱାରା ଅନେକ ସମୟରେ ଆକ୍ରାନ୍ତ ହେଉ, ଭୁଲ ହୋଇଯାଏ, ସେଥିପାଇଁ ଅନୁତାପ କରୁ, ଆହୁରି ନାନା ସମସ୍ୟା ସୃଷ୍ଟି ହୋଇଯାଏ, ସେଥିରୁ ତାହାର ପାର୍ଶ୍ୱ ପ୍ରତିକ୍ରିୟା ଆରମ୍ଭ ହୋଇଯାଏ ଏବଂ ଆମ୍ଭେମାନେ ହନ୍ତସନ୍ତ ହୋଇ ନାନା ଦୁଷ୍ଚିନ୍ତା ଏବଂ ଆଶଙ୍କାର ଶୀକାର ହୋଇପଡୁ । ସେ ସବୁଥିରୁ ନିଜକୁ ଉଦ୍ଧାର କରିବାର ଉପାୟ ଖୋଜିବସୁ । ଏଥିରେ କୃତକାର୍ଯ୍ୟ ହେବାର ଉପାୟ ମିଳେ କେବଳ ଏହି ଷଡ଼ରିପୁଙ୍କ ସମୁଚିତ ବ୍ୟବହାର ଓ ପ୍ରୟୋଗ ଫଳରେ, ବୁଦ୍ଧି ବଳରେ । କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟଙ୍କୁ ରିପୁ କୁହାଯାଇଛି । ସେଥିରୁ ଜଣାଯାଉଛି ଏଗୁଡ଼ିକ ଗୋଟିଏ ଗୋଟିଏ ଶତ୍ରୁ, ପୁଣି ଆମ ଭିତରେ ଥିବା ଶତ୍ରୁ । ବାହାରେ ଥିବା ଶତ୍ରୁଙ୍କୁ ହରାଇବା ବରଂ ସହଜ । ଭିତରେ ଥିବା ଶତ୍ରୁ, ଯିଏ ଆମ ସହ ଖାଇପିଇ ବଢୁଛି, ଉପରେ ଆମକୁ ଭଲ ଲାଗିଲା ଭଳି ଦେଖାଉଛି କିନ୍ତୁ ଭିତରେ ଥାଇ ଏଭଳି କର୍ମରେ ଆମକୁ ଲଗାଇ ଦେଉଛି, ତାହାର ପରିଣାମ ଦେଖିଲାବେଳକୁ ନିଜକୁ ଅପମାନ ଲାଗୁଛି, ନିଜ ରୂପ ମଧ୍ୟ ଅସୁନ୍ଦର ହୋଇଯାଉଛି । ସମାଜରେ ଆମ ପ୍ରତିଷ୍ଠା ମଧ୍ୟ ନଷ୍ଟ ହୋଇଯାଉଛି । ଆମ ବ୍ୟକ୍ତିତ୍ୱ ମଧ୍ୟ ଲୁଣ୍ଠିତ ହୋଇଯାଉଛି । ଆମକୁ ବେଶୀ ଖରାପ ଲାଗେ ଏଥିପାଇଁ ଆମେ ଆମ ନିଜ ଗୁଣ ଦ୍ୱାରା ଏହି ପରିଣାମ ଅର୍ଜନ କରିଛୁ, ଆଉ କେହି ଏଥିପାଇଁ ଦାୟୀ ନୁହନ୍ତି । କାହାକୁ କିଛି କହି ହୁଏନାହିଁ । କେବଳ ଅନୁତାପାନଳରେ ଦଗ୍ଧିଭୂତ ହେବା ହିଁ ସାର ହୁଏ । କେବଳ କଠୋର, ନିୟମିତ ଏବଂ ମୁକ୍ତି ପାଇବା ପାଇଁ ବ୍ୟାକୁଳିତ ସାଧନା ମାଧ୍ୟମରେ ସୁଫଳ ମିଳିପାରେ ।

*କାମ* – ଏହା ଏକ ସର୍ବନାଶୀ ରିପୁ; କିନ୍ତୁ ଏହାର ପ୍ରୟୋଗ ଖୁବ ଆନନ୍ଦ ଦିଏ ବୋଲି ଅଧିକରୁ ଅଧିକ ବ୍ୟବହୃତ ହୁଏ । ପରିଣାମସ୍ୱରୂପ ମଣିଷ ନାନା ଦୁର୍ନାମ, କୁଖ୍ୟାତି, ସାମାଜିକ ଅପବାଦ ତଥା ଅପରାଧରେ ବୁଡ଼ିଯାଏ । ମଣିଷ ଏହା ଫଳରେ ଏକ ପ୍ରକାର ଅନ୍ଧ ହୋଇଯାଏ । ନିଜର ବଂଶ, ପରମ୍ପରା, ଜାତି, ଗୋତ୍ର, ପ୍ରତିଷ୍ଠାକୁ ଭୁଲି ପୂର୍ବଜମାନେ ଅର୍ଜିଥିବା ସାମାଜିକ ପ୍ରତିଷ୍ଠାକୁ ମୁହୂର୍ତକରେ ନଷ୍ଟ କରି ବସୁ । ଏହାଦ୍ୱାରା କେବଳ ସାମାଜିକ କ୍ଷତି ସହିବାକୁ ପଡ଼େ ତାହା ନୁହେଁ, ବ୍ୟକ୍ତିଗତ କ୍ଷତି ଏପରିକି ଆଧ୍ୟାତ୍ମିକ କ୍ଷତି ମଧ୍ୟ ସହ୍ୟ କରିବାକୁ ହୋଇଥାଏ, ଯେଉଁ କ୍ଷତି ପୂରଣ କରିବାକୁ ବର୍ଷ ବର୍ଷ ନୁହେଁ ଜନ୍ମ ଜନ୍ମ ଲାଗି ଯାଇପାରେ ।

*କ୍ରୋଧ* – ଏହାର ପରିଚୟ ମିଳିବା ପୂର୍ବରୁ ସେ ବହୁତ କିଛି କ୍ଷତି ଘଟାଇ ଦେଇଥାଏ । ଏହାର କାରଣ ଏହାକୁ ପ୍ରୟୋଗ କଲାବେଳେ ନିଜକୁ ବହୁତ ଭଲ ଲାଗେ । ବେଳେବେଳେ ଜିତାପଟ ମିଳିଥାଏ । ମଣିଷ ଭାବେ ତତ୍‌କ୍ଷଣାତ ବିଜୟ ହାସଲ କରିବା ପାଇଁ କ୍ରୋଧ ଗୋଟିଏ ଭଲ ଅସ୍ତ୍ର । ପରେ କିନ୍ତୁ ଉପଲବ୍ଧି ଆସେ ଯେ ସେ ବିଜୟ କ୍ଷଣିକର କଥା ଥିଲା, ତାହା ପ୍ରକୃତ ବିଜୟ ନୁହେଁ । ଶାନ୍ତିପ୍ରିୟ ଲୋକେ ବାକ୍ ଯୁଦ୍ଧରେ ଭାଗ ନ ନେଇ ଚୁପ୍ ହୋଇଯାଆନ୍ତି । ତାହା ତାଙ୍କର ପରାଜୟ ନୁହେଁ ବରଂ ବିଜ୍ଞତାର ପରିଚୟ । କଥା ମାଧ୍ୟମରେ କ୍ରୋଧ ତ ବନ୍ଧୁକର ଗୁଳି ସହ ସମାନ । କର୍ମ ମାଧ୍ୟମରେ କ୍ରୋଧ ଅଶେଷ କ୍ଷତି ଘଟାଇଥାଏ । ପରିଶେଷରେ ଦେଖିବାକୁ ମିଳେ ଯେ ନିଜର କ୍ଷତି ହିଁ ସବୁଠାରୁ ବେଶୀ ହୋଇଛି । କ୍ରୋଧ କର୍ମ ରୂପ ନେବା ପୂର୍ବରୁ ମାନସିକ ସ୍ତରରେ ଯେଉଁ ପାଂଚଣା ପାଂଚିବାରେ ଲାଗେ ତାହା ସର୍ବାଧିକ କ୍ଷତିକାରକ । ନିଜ ମସ୍ତିଷ୍କର ତଥା ବ୍ୟକ୍ତି ସତାର ଘୋର ବିଧ୍ୱଂସକ । ସେଥିପାଇଁ କୁହାଯାଇଛି କ୍ରୋଧ ବ୍ରାହ୍ମଣକୁ ଚଣ୍ଡାଳରେ, ମାନବକୁ ଦାନବରେ, ରକ୍ଷକକୁ ଭକ୍ଷକରେ, ଭଦ୍ରକୁ ଅଭଦ୍ରରେ, ଶିଷ୍ଟାଚାରୀକୁ ଦୁରାଚାରୀରେ ପରିଣତ କରିଦିଏ । ଶେଷରେ ନିଜର ଅସରନ୍ତି କ୍ଷତି କରି ଚାଲିଯାଏ ।

*ଲୋଭ* – ଏହା ଭଦ୍ର ଲୋକକୁ ଚୋର କରିଦିଏ, ସନ୍ୟାସୀକୁ ସତ୍ୟାନାଶୀ କରିଦିଏ । ଲୋଭାସକ୍ତ ଲୋକ କାମାସକ୍ତ ବି ହୋଇ ଯାଇପାରେ । ସେ ଏଠାରେ ଲୋଭ ସହ କାମ ରୂପକ ଶତ୍ରୁ କବଳରେ ପଡ଼ି ଦ୍ୱିଗୁଣିତ କ୍ଷତି ସମ୍ମୁଖୀନ ହୁଏ । ଲୋଭୀ ଲୋକର ଭାବନାଧାରା ଏତେ ଅପବିତ୍ର ଥାଏ ଯେ ପରିଶେଷରେ ସେ ପାପୀରେ ପରିଣତ ହୋଇ ଯାଏ । କୌଣସି କାମ ନକରି ନିଜକୁ ନଷ୍ଟ କରିଦିଏ । ଦୁର୍ଯ୍ୟୋଧନର ରାଜ୍ୟ ଲୋଭର ପରିଣତି ସମସ୍ତେ ଜାଣନ୍ତି, କଂସର




ଜୀବନ ପ୍ରତି ଥିବା ଲୋଭରା ପରିଣତି ଯାହା ହେଲା, ରାବଣର ନାରୀ ଲୋଭ ଫଳରେ ଯାହା ଘଟିଲା ସେଥିରୁ ଆମେ ଶିକ୍ଷା ଲାଭ କରିବା ଉଚିତ । ଶ୍ରୀମଦ୍‌ଭାଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣଙ୍କ ମୁଖରେ କୁହାଯାଇଛି, ଏହି କାମ, କ୍ରୋଧ ଓ ଲୋଭ ତିନିଟି ହେଉଛି ନର୍କରର ତିନିଟି ଦ୍ୱାର । ଏହା ସର୍ବାଦୌ ବର୍ଜନୀୟ । ଅନ୍ୟ ତିନିଟି ମଧ୍ୟ କିଛି କମ ନୁହନ୍ତି ।

*ମୋହ* – ମୋହଗ୍ରସ୍ତ ଲୋକକୁ ଏକ ପାଗଳ କୁହାଯାଇପାରେ । କାରଣ ତା'ମୋହ ତାକୁ ସର୍ବଦା ଭୁଲ ବାଟକୁ ନେଇଯାଇଥାଏ । କ'ଣ ଠିକ୍, କ'ଣ ଭୁଲ, କେଉଁଟି କରଣୀୟ, କ'ଣ ଅକରଣୀୟ, କ'ଣ ଶ୍ରେୟ, କ'ଣ ପ୍ରେୟ ତାହା ସେ ଜାଣିପାରେନାହିଁ । ବିଚାରଣା ଶକ୍ତି ହରାଇ ବସେ । ପତ୍ନୀମୋହ, ଭୂମିମୋହ, ଧନ ମୋହ ପ୍ରଭୃତିରେ ପଡ଼ି ନକଲା କାମ କରି ସୁନାମ, ସୁଖ୍ୟାତି, ପ୍ରତିଷ୍ଠା ପ୍ରଭୃତିରେ ନିଜେ ନିଜ ହାତରେ ଅଗ୍ନି ସଂଯୋଗ କରିଦିଅନ୍ତି । ଶେଷରେ ମୋହଗ୍ରସ୍ତ ଲୋକର ବୁଦ୍ଧି ନାଶ ହୋଇଯାଏ । ବୁଦ୍ଧି ନାଶ ହୋଇଯିବା ଏକ ପ୍ରକାର ମୃତ୍ୟୁ ସହ ସମାନ ।

*ମଦ* – ଅନ୍ୟ ଅର୍ଥରେ ଗର୍ବ, ଅହଂକାର, ଦମ୍ଭ ପ୍ରଦର୍ଶନ । ଏଗୁଡ଼ିକର ପରିଣାମ ଆମେ ଇଛା କଲାମାତ୍ରେ ଶହ ଶହ ସଂଖ୍ୟାରେ ଆମ ଆଗରେ ପ୍ରତିଭାତ ହୋଇଯିବ । ଭଗବାନ ସବୁ ସହନ୍ତି କିନ୍ତୁ ଗର୍ବ ସହିପାରନ୍ତି ନାହିଁ, ତାଙ୍କ ପାଖରେ କାହାରି ଅହଂକାର କାମ ଦିଏନାହିଁ । ଯେଉଁଥିରେ ଭଗବାନ ସନ୍ତୁଷ୍ଟ ନୁହନ୍ତି ସେ ଗୁଣ ଧାରଣ କରି ମଣିଷ କି ଆନନ୍ଦ, କି ଉପକାର ବା କି ଲାଭ ପାଇବ ? ଗର୍ବୀ ଲୋକ ନିଜ ସ୍ତ୍ରୀ ଓ ପିଲାଙ୍କ ପ୍ରିୟ ହୋଇପାରନ୍ତି ନାହିଁ, କର୍ମକ୍ଷେତ୍ରରେ ନିଜ ଉପରିସ୍ଥ କର୍ମଚାରୀ ତଥା ନିଜ ସହକର୍ମୀଙ୍କ ପ୍ରିୟ ହୋଇପାରନ୍ତିନାହିଁ, ବ୍ୟବସାୟ କ୍ଷେତ୍ରରେ ନିଜ ଗରାଖଙ୍କ ପ୍ରିୟ ମଧ୍ୟ ହୋଇପାରନ୍ତି ନାହିଁ । ନିଜ ବାସସ୍ଥାନରେ ପଡ଼ୋଶୀର ପ୍ରିୟ ମଧ୍ୟ ହୋଇପାରନ୍ତି ନାହିଁ । ସମସ୍ତଙ୍କର ଅପ୍ରିୟ ହୋଇ କି ଶାନ୍ତି, କି ସନ୍ତୋଷ ସେ ଲାଭ କରିପାରିବ ? ଭଗବାନଙ୍କ ପ୍ରିୟ ହେବା ସୁଦୂର ପରାହତ ହୋଇଯିବ ତା'ପକ୍ଷରେ । ଜୀବନ ବ୍ୟର୍ଥ ହୋଇଯିବ ।

*ମାତ୍ସର୍ଯ୍ୟ* – ମଣିଷ ଯଦି ଅନ୍ୟ ସହ ନିଜକୁ ତୁଳନା କରିବସିବ ସେ ଦେଖିବ ସେ ନିଜେ କେତେକଙ୍କ ଠାରୁ ଉତ୍କୃଷ୍ଟ ଓ ଅନ୍ୟ କେତେକଙ୍କ ଠାରୁ ନିକୃଷ୍ଟ । ସେ ଯେଉଁଠାରେ ଉତ୍କୃଷ୍ଟ ସେଠାରେ ଅହଂକାର ବଢ଼ିବାର ବିପଦଅଛି, ଯେଉଁଠାରେ ନିକୃଷ୍ଟ ସେଠାରେ ଈର୍ଷା ଅସୂୟା ବଢ଼ିବାର ଭୟ ଅଛି । ଉଭୟ ଯାକ ବିପଦପୂର୍ଣ୍ଣ । ଏଥିରୁ ରକ୍ଷା ପାଇବାର ଉପାୟ ଭଗବାନ ବତାଇଛନ୍ତି । ନିଜକୁ ଅନ୍ୟ ମାନଙ୍କ ସହ ତୁଳନା କରିବ ନାହିଁ । ଆମ ସହ କେହି ଜନ୍ମ ହୋଇନାହାନ୍ତି, ଆମ ସେହ କେହି ମଧ୍ୟ ପରଲୋକକୁ ଯିବେନାହିଁ । ନିଜକୁ ନିଜ ସହ ତୁଳନା କଲେ ଉପକାର । ନିଜର ଅତୀତ ସହ ନିଜର ବର୍ତମାନକୁ ତୁଳନା କଲେ ନିଜର ଉନ୍ନତି ଅବନ୍ନତି ଜାଣିହେବ ଏବଂ ପ୍ରଚେଷ୍ଟା ଓ ପ୍ରଯତ୍ନ ଫଳରେ ସନ୍ତୋଷଜନକ ଫଳ ମିଳିବ । ଜାଣିହେବ ଯେ ନିଜର କଷ୍ଟଲବ୍ଧ ଚେଷ୍ଟା ଓ ପ୍ରାର୍ଥନା ଫଳରେ ସବୁକିଛି ହାସଲ କରିହେବ । କିଛି ନକରି କେବଳ ୟା ତା'ପ୍ରତି ଈର୍ଷାପରାୟଣ ହେଲେ କିଛି ସୁଫଳ ମିଳିବାର ନାହିଁ ବରଂ କୁପରିଣାମ ନିଶ୍ଚିତ ଭାବେ ପ୍ରାପ୍ତ ହେବ । ରିପୁମାନଙ୍କର ଖରାପ ଦିଗ ସହ ତାଙ୍କୁ ସଠିକ୍ ଭାବେ ବ୍ୟବହାର କରିପାରିଲେ କିଛି ଭଲ ମଧ୍ୟ ମିଳିପାରିବ । ଯଥା କାମ ଭାବକୁ ଯଦି ଈଶ୍ୱରଙ୍କ ସହ ଯୋଡ଼ିଦିଆଯାଏ ସେ କେବଳ ଈଶ୍ୱରଙ୍କୁ କାମନା କରିବ । ଫଳ ସର୍ବୋତମ, ଉଦାହରଣ ଶ୍ରୀରାମକୃଷ୍ଣ ପରମହଂସ, ସ୍ୱାମୀ ନିଗମାନନ୍ଦ ସରସ୍ୱତୀ । କ୍ରୋଧକୁ ବ୍ୟବହାର କରି କେତେକ ପ୍ରଭୁକୃପା ଲାଭ କରିଛନ୍ତି । ଯଥା ଶ୍ରୀବତ୍ସ ବ୍ରାହ୍ମଣ । ଈଶ୍ୱର ଉପଲବ୍ଧିରେ ମନୋନିବେଶ କଲାବେଳେ ଏଥିରେ ବାଧା ଦେଉଥିବା ଦର୍ଶନେନ୍ଦ୍ରିୟ ପ୍ରତି କ୍ରୋଧବଶତଃ ନିଜ ଆଖି ଫୁଟାଇ ଦେଇଥିଲେ ଭକ୍ତ ବିଲ୍ୱମଙ୍ଗଳ । ତାଙ୍କୁ ମିଳିଯାଇଥିଲା ଦର୍ଶନ । ଲୋଭକୁ ମଧ୍ୟ ଈଶ୍ୱରାର୍ପିତ କରିହେବ । ଜଣେ ଜଣେ କହିଥାନ୍ତି, ଜଗନ୍ନାଥଙ୍କ ମହାପ୍ରସାଦରେ ମୋର ଲୋଭ । ଏ ଲୋଭ ତ ଭଲ କଥା । ଏ ଲୋଭକୁ ଚରିତାର୍ଥ କରିବା ଉଚିତ । ଫଳ ଭଲ ହେବା ନିଶ୍ଚିତ ।

*ମୋହ* – ମୀରା ଏହାର ଉଦାହରଣ । ରାଜକୁଳରେ ଜନ୍ମ, ରାଜବଂଶର କୁଳବଧୂ, ଏସବୁର ମୋହରେ ନପଡ଼ି ସର୍ବଶ୍ରେଷ୍ଠ ମୋହରେ ପଡ଼ି, ନିଜ ସହିତ ସମଗ୍ର ମାନବ ସମାଜ ପାଇଁ ଉଦାହରଣ ପାଲଟିଯାଇଛନ୍ତି । ଭଗବାନଙ୍କ ମୋହରେ ପଡ଼ି, ମୋହନ ବଂଶୀର ମୋହରେ ପଡ଼ି ଗୋପୀ ତଥା ରାଧା କାଳ କାଳକୁ ପୂଜ୍ୟ ହୋଇପାରିଛନ୍ତି । ମଦକୁ ମଧ୍ୟ ସାଧ କରିଥିଲେ ଅକ୍ରୂର । ନିଜର ସାମର୍ଥ୍ୟ ଉପରେ ତାଙ୍କର ଦୃଢ଼ ବିଶ୍ୱାସ ଥିଲା । ଦୃଢ଼ତାର ସହ ସେ ତାହାକୁ ବ୍ୟବହାର କରିଥିଲେ । ଯାଦବ ବଂଶର ସୁରକ୍ଷା, ବସୁଦେବ ଦେବକୀଙ୍କର ସୁରକ୍ଷା, ଶ୍ରୀକୃଷ୍ଣଙ୍କୁ ମଥୁରା ନେବା ଓ ସେଥିରେ ଥିବା ବିପଦ ଆପଦରୁ ସମସ୍ତଙ୍କୁ ରକ୍ଷା କରିବାର ଯୋଜନା ଭଗବାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲା । ଜଟାୟୁ ନିଜ ମଦକୁ ବ୍ୟବହାର କରି ପୁଷ୍ପକ ବିମାନରେ ରାବଣ ସହ ଯୁଦ୍ଧ କରି, ଆହତ ହୋଇ, ରାମ କୃପାର ଅଧିକାରୀ ହୋଇଥିଲେ । ମାତ୍ସର୍ଯ୍ୟକୁ ବ୍ୟବହାର କରି କୈକେୟୀ ଓ ମନ୍ଥରା ପରିଶେଷରେ ରାମକୃପା ଲାଭ କରିଥିଲେ । ଏଠାରେ ଦେଖିବାର କଥା, ଆମର କ୍ଷତି ଘଟାଉଥିବା ଶତ୍ରୁମାନଙ୍କୁ କେବଳ ଭଗବାନଙ୍କ କାମରେ ଲଗାଇ ଦେଇ ସେଥିରୁ କ୍ଷତି ବଦଳରେ ଲାଭାନ୍ୱିତ ହେବାର ଦୃଷ୍ଟାନ୍ତ ଅଧିକ । ତେଣୁ ଏଗୁଡ଼ିକୁ ଈଶ୍ୱରଙ୍କ ଠାରେ ଅରପି ଦେଇ ସେମାନଙ୍କ ଦ୍ୱାରା ଉପକୃତ ହୋଇପାରିବା ନିଃସନ୍ଦେହ ।

*ଅଲିଶା ବଜାର, କଟକ, ଦୂରଭାଷ : ୯୩୩୭୨୪୨୯୫୫*

# ସମତା, ମମତା ଓ ସ୍ୱତନ୍ତ୍ରତା

◆ ଅଧ୍ୟାପକ ଗୋପବନ୍ଧୁ (ଅବସରପ୍ରାପ୍ତ), ଦର୍ଶନ ବିଭାଗ



ମାନବ ସଭ୍ୟତା ଆଗକୁ ବଢ଼ି ଚାଲିଛି । ଏହାର ବିକାଶ ପଥରେ ବହୁ ପ୍ରତିବନ୍ଧକ ଆସିଛି । ତଥାପି ଏହା ଅଟକି ୟାଇନାହିଁ । ଶ୍ରେଷ୍ଠରୁ ଶ୍ରେଷ୍ଠତର ସନ୍ଧାନରେ ଏହା ଆଗେଇ ଚାଲିଛି । ସଭ୍ୟତା ମନୁଷ୍ୟର ବିଚାରବୁଦ୍ଧି ସମ୍ପନ୍ନତା ସହିତ ଜଡିତ । ବିଚାରବୁଦ୍ଧି ସମ୍ପନ୍ନତା ୟେଉଁପରି ଗତିଶୀଳ, ସଭ୍ୟତା ମଧ୍ୟ ତଦନୁଯାୟୀ ଗତିଶୀଳ । ମନୁଷ୍ୟର ବୁଦ୍ଧିବିବେକ ଯାହାକୁ ଉଚିତ ଓ ମନୁଷ୍ୟ ସମାଜର ହିତୈଷୀ ବୋଲି ଗ୍ରହଣ କରିନିଏ, ତାକୁହିଁ ଅନୁସରଣ କରିବା ଆରମ୍ଭ କରେ । [redacted]

ଅଭିଭାଷଣ ମାଧ୍ୟମରେ ଲୋକଙ୍କୁ ଏ ବିଷୟରେ ବୁଝାଇଛନ୍ତି । କଳାଭାସ୍କର୍ଯ୍ୟର ଶ୍ରେଷ୍ଠତା ପ୍ରଦର୍ଶନ ମାଧ୍ୟମରେ ଏହାର ଅନ୍ୱେଷଣ ହୋଇଛି । ନାଟକର ସଂଳାପରେ ଓ ସଙ୍ଗୀତର ରାଗିଣୀରେ ଏହାକୁ ଅନୁଭବ କରିବାର ଚେଷ୍ଟା ହୋଇଛି । ଅଧିକାର ପାଇଁ ଲଢେଇ କରୁଥିବା ସଂଗ୍ରାମୀଙ୍କ ସ୍ଲୋଗାନରେ ଏହା ପ୍ରତିଧ୍ୱନିତ ହୋଇଛି । ଅବଶେଷରେ ସଭ୍ୟତାର ତିନୋଟି ରତ୍ନ ଉଦ୍ଭାସିତ ହୋଇଛି । ସେଗୁଡିକ ହେଉଛି ସମାନତା (ଇଉକ୍ୱାଲିଟି), ସ୍ୱତନ୍ତ୍ରତା (ଲିବାର୍ଟି) ଓ ଭାତୃତ୍ୱଭାବ (ଫ୍ରେଟାରନିଟି) । ୟେଉଁ ସମାଜରେ ଏହି ତିନୋଟି ଉପାଦାନ ନାହିଁ ତାହାକୁ ଏକ ସୁସଭ୍ୟ ସମାଜ ବୋଲି କହିହେବ ନାହିଁ । ଏଗୁଡିକ ମନୁଷ୍ୟର ଅନ୍ତର୍ନିହିତ ଗୁଣ ଯାହା ସାମାଜିକ ବ୍ୟବହାରରେ ପ୍ରକାଶିତ ହୋଇଥାଏ । ଏହି ଗୁଣ ଗୁଡିକ ମନୁଷ୍ୟକୁ ଅନ୍ୟାନ୍ୟ ପ୍ରାଣୀ ଠାରୁ
[redacted] ଶ୍ରେଷ୍ଠତା ପ୍ରଦାନ କରେ । ଏଗୁଡ଼ିକ
[redacted] ଜଡିତ । ୟାହାର ମନରେ ଏହି ଗୁଣ
[redacted] ାହିଁ, ସେ ଜଣେ ସଭ୍ୟ ମନୁଷ୍ୟଭାବେ
[redacted] ସଭ୍ୟତା କେବଳ ଚାକଚକ୍ୟ ଘର ଓ
[redacted] ଥାଏ । ଏହା ଏକ ଅନ୍ତର୍ନିହିତ ଭାବନା ।
[redacted] ଜଣେ ହତ୍ୟାକାରୀ ଅଥବା ଡକାୟତ
[redacted] ଚାକଚକ୍ୟ ପରିବେଶ ଭିତରେ
[redacted] ଣେ ସଭ୍ୟ ମନୁଷ୍ୟ ବୋଲି କୁହାୟାଇ
[redacted] ଡିଆ ଘରେ ରହୁଥିଲେ ବି ସେ ତାର
[redacted] ଗୁଣ ଗୁଡିକର ଅନୁସରଣ ଜରିଆରେ
[redacted] ସ୍ୱାଭାବିକ । ୟୁରୋପ୍ ରେ ଆରମ୍ଭ
[redacted] ନିଷ୍କର୍ଷ ହେଉଛି ସଭ୍ୟତାର ଏହି ତିନି
[redacted] ର୍ଷ ପରେ ଫରାସି ବିପ୍ଳବ ସମୟରେ
[redacted] ରୂପ ନେଇଥିଲା । ବିପ୍ଳବୀମାନେ
[redacted] ଉନ୍ନତ ସମାଜ ଗଠନ କରିବା ପାଇଁ ।
[redacted] ଭାତୃତ୍ୱଭାବ ଓ ବ୍ୟକ୍ତି ସ୍ୱାଧୀନତା
[redacted] ବିଶ୍ୱବାସୀଙ୍କୁ ମିଳିୟାଇଥିଲା ସଭ୍ୟତାର
[redacted] ମକ । ଯେଉଁ ସମାଜ ଏହି ତିନୋଟି
[redacted] ରେ ଅନୁସରଣ କରେ ସେ ସମାଜ
[redacted] ଏହି ତିନି ଉପାଦାନର ପରିପନ୍ଥୀ
[redacted] ଅସଭ୍ୟତାକୁ ଡେଇଁ ଆଗକୁ ୟାଇପାରି

ନାହିଁ । ସମାନତାର ଭାବନା ମନୁଷ୍ୟର ମନରେ ଆଜନ୍ମ ସୂତ୍ରରେ ମିଳେ । ଏହା ତାହାର ଆତ୍ମ ସମ୍ମାନ ସହିତ ଜଡିତ । ତେଣୁ ପ୍ରତ୍ୟେକ ମନୁଷ୍ୟ ଜନ୍ମ ହେବା ମାତ୍ରେ ସମାଜରେ ସମାନ ମର୍ଯ୍ୟଦା ପାଇବାକୁ ହକଦାର । ବ୍ୟକ୍ତି ତାହାର ଅଧ୍ୟବସାୟ ବଳରେ ସମାଜରେ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରେ, କିନ୍ତୁ ମନୁଷ୍ୟଭାବେ ସମସ୍ତ ମନୁଷ୍ୟ ସମାନ ଏହାହିଁ ମାନବୀୟ ସିଦ୍ଧାନ୍ତ । ଧର୍ମ, ଜାତି, ସମ୍ପ୍ରଦାୟ ଓ ଅଂଚଳ ନାମରେ ଅସମାନତାକୁ ପ୍ରତିଷ୍ଠା କରାୟାଇ ପାରିବ ନାହିଁ । ଆର୍ଥିକ ଭାବେ ଜଣେ ଧନୀ କିମ୍ବା ଦରିଦ୍ର ହୋଇପାରେ । ଶିକ୍ଷା ଦୃଷ୍ଟିରୁ ଜଣେ ଶିକ୍ଷିତ କିମ୍ବା ଅଶିକ୍ଷିତ ହୋଇପାରେ । କିନ୍ତୁ ସାମାଜିକ ଭାବେ କୌଣସି ବୈଷ୍ୟମ ଗ୍ରହଣୀୟ ନୁହେଁ । ସାମାଜିକ ବୈଷ୍ୟମ ସଭ୍ୟତାର ପରିପନ୍ଥୀ । ଧର୍ମ ନାମରେ ନିଜକୁ ଶ୍ରେଷ୍ଠ ଅନ୍ୟକୁ ନିକୃଷ୍ଟ ବୋଲି କହି ପାରିବ ନାହିଁ । କୌଣସି ସମ୍ପ୍ରଦାୟ ଓ ଅଂଚଳର ଲୋକମାନେ ନିଜକୁ ଶ୍ରେଷ୍ଠ ଓ ଅନ୍ୟକୁ ନିକୃଷ୍ଟ କହିବା ଅର୍ଥ ସଭ୍ୟତାକୁ ଅସ୍ୱୀକାର କରିବା । ସେହିପରି ଜାତି ନାମରେ କେହି ନିଜକୁ ଶ୍ରେଷ୍ଠ ଓ ଅନ୍ୟମାନଙ୍କୁ ନିମ୍ନତର କହିବା ମଧ୍ୟ ଅସଭ୍ୟତାର ପରିଚାୟକ । ସଭ୍ୟତାର ଦ୍ୱିତୀୟ ଉପାଦାନ ସ୍ୱାଧିନତା । ଏହା ବ୍ୟକ୍ତି ସ୍ୱାଧୀନତାକୁ ବୁଝାଏ । ମନୁଷ୍ୟର ନିଜସ୍ୱ ଅଧିକାରକୁ ସୂଚୀତ କରେ । ସ୍ୱାଧୀନତା ତାର ଜନ୍ମଗତ ଅଧିକାର । ସ୍ୱାଧିନତା କହିଲେ ସ୍ୱେଚ୍ଛାଚାରକୁ ବୁଝାଏ ନାହିଁ । ଏହା ଅନ୍ୟର ଅଧିକାରକୁ ସଙ୍କୁଚିତ କରିବାକୁ ବୁଝାଏ ନାହିଁ । ବ୍ୟକ୍ତି ନିଜ ପାଇଁ ୟେଉଁ ସିଦ୍ଧାନ୍ତମାନ ଗ୍ରହଣ କରେ ସେଗୁଡିକ ତାର ସ୍ୱାତନ୍ତ୍ରତାର ଅନ୍ତର୍ଗତ ଅଟେ । ସେ କଣ ଖାଇବ, କଣ ପିନ୍ଧିବ, କେଉଁ ବୃତି ଅବଲମ୍ବନ କରିବ, କାହାକୁ ବାହା ହେବ ଇତ୍ୟାଦି ତାର ନିଜସ୍ୱ ଅଧିକାର । ଏହାକୁ ରାଷ୍ଟ୍ର ନା ସମାଜ କେହି ବାରଣ କରିପାରିବେ ନାହିଁ । ଏହାକୁ କୌଣସି ଧର୍ମ ନା ଜାତି ବାଧା ଦେଇପାରିବ । ୟେତେବେଳେ କୌଣସି ଦେଶରେ ଧାର୍ମିକ ମୌଳବାଦୀମାନେ ନିର୍ଣ୍ଣୟ କରନ୍ତି ଲୋକମାନେ କେଉଁ ପ୍ରକାର ପୋଷାକ ପିନ୍ଧିବେ, କଣ ଖାଇବେ, କଣ କରିବେ ଇତ୍ୟାଦି ଏହା ବ୍ୟକ୍ତି ସ୍ୱାତନ୍ତ୍ରତାକୁ କ୍ଷୁର୍ଣ୍ଣ କରେ । ସେହିପରି କୌଣସି ଜାତି ବା ପରିବାରର ଲୋକମାନେ ଯଦି ନିର୍ଣ୍ଣୟ କରନ୍ତି ଜଣେ ୟୁବକ ବା ୟୁବତୀ କାହାକୁ ବାହା ହେବ କିମ୍ବା ତାର ଇଛାକୃତ ବିବାହରେ ବାଧା ସୃଷ୍ଟି କରନ୍ତି ତେବେ ଏହା ମଧ୍ୟ ବ୍ୟକ୍ତି ସ୍ୱାତନ୍ତ୍ରତାକୁ ବ୍ୟାହତ କରେ । ଆମ ଦେଶରେ ଆନ୍ତଃ ଜାତି ବିବାହକୁ ନେଇ ଚାଲିଥିବା ଅନର କିଲିଂ ତଥା ଖାପ୍ ପଂଚାୟତ ଏହାର ଜ୍ୱଳନ୍ତ ଉଦାହରଣ । ତୃତୀୟ ଉପାଦାନ ହେଉଛି ଭାତୃତ୍ୱଭାବ । ଏହା ସମସ୍ତଙ୍କ ପାଇଁ ସାମାଜିକ ପ୍ରତିବଦ୍ଧତା । ଏହା ବିନା ସମାଜରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଅସମ୍ଭବ । ସମସ୍ତଙ୍କ ମଧ୍ୟରେ ଭାତୃତ୍ୱଭାବ ଯେତେ ନିବିଡ଼ ହୁଏ ସମାଜ ସେତେ ଐକ୍ୟବଦ୍ଧ ହୁଏ । ବିଭେଦ ଓ ବିବାଦ ଆସ୍ତେ ଆସ୍ତେ ଅପସରି ଯାଏ । ବିଶ୍ୱଶାନ୍ତି ପାଇଁବି ଏହା ଜରୁରୀ । ପରସ୍ପରକୁ ଭଲ ପାଇବା ମାନବିକତାର ଅପରିହାର୍ଯ୍ୟ ଅଂଶବିଶେଷ । ଗୋଟିଏ ବିବାଦଗ୍ରସ୍ତ ଓ ବିଭେଦଗ୍ରସ୍ତ ସମାଜକୁ ସଭ୍ୟ ସମାଜ ବୋଲି କହିହେବ ନାହିଁ । ଏପରି ସମାଜ ଦୀର୍ଘସ୍ଥାୟୀ ନୁହେଁ । କାରଣ ବିଶୃଙ୍ଖଳା ଅଧପତନର କାରଣ ହୁଏ । ତେଣୁକରି ପ୍ରତ୍ୟେକ ମାନବବାଦୀ ଧର୍ମରେ ସ୍ନେହ-ମମତା ଉପରେ ଗୁରୁତ୍ୱ ଦିଆୟାଇଛି । ଭାରତୀୟ ଚିନ୍ତନରେ ବସୁଧୈବ କୁଟୁମ୍ବକମ୍ କଥା କୁହାୟାଇଛି । ଭାତୃତ୍ୱଭାବର ପ୍ରସାର ପାଇଁ ଅହିଂସା, ଦୟା ଓ କ୍ଷମାର କଥା କୁହାୟାଇଛି । ମାନବବାଦର ପ୍ରତିଷ୍ଠା ପାଇଁ ଉଦ୍ୟମ ହୋଇଛି । ସଭ୍ୟତାର ନିୟାମକ ଭାବେ ଏ ତିନୋଟି ଉପାଦାନ ଆଜି ସର୍ବତ୍ର ଗ୍ରହଣୀୟ । ଆମ ସମସ୍ତଙ୍କ ପାଇଁ ଆତ୍ମ ଚିନ୍ତନର ମାର୍ଗଦର୍ଶକ । ନିଜକୁ ସୁସଭ୍ୟ ବୋଲି ଦାବି କରିବା ପୂର୍ବରୁ ସଭ୍ୟତାର ମାନକରେ ତଉଲିବାର ଅଛି ଓ ଅନୁଭବ କରିବାର ଅଛି ୟେ ଆମେ ପ୍ରକୃତରେ କେତେ ସୁସଭ୍ୟ ।

*ବାରିପଦା, ମୟୂରଭଞ୍ଜ, ମୋ. ୭୦୦୮୯୭୬୧୮୦*







# ଭଦ୍ରକ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଏଚ୍.ଆଇ.ଭି/ଏଡ଼ସ୍ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ

ଭଦ୍ରକ : ଭଦ୍ରକ ପି.ଏମ୍. ଶ୍ରୀ ଜିଲ୍ଲା ସ୍କୁଲଠାରେ ଆଜି ଏକ ଜିଲ୍ଲା ସ୍ତରୀୟ ଏଚ୍.ଆଇ.ଭି/ ଏଡ଼ସ୍ କୁଇଜ୍ ପ୍ରତିଯୋଗିତା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜୁନିୟର ରେଡକ୍ରସ, ଭଦ୍ରକ ସମ୍ପୂର୍ଣ୍ଣ ସହଯୋଗ କରିଥିଲା । ଏହି ପ୍ରତିଯୋଗିତାରେ ଜିଲ୍ଲାର ୭ଟି ବ୍ଲକରୁ ମୋଟ ୧୪ ଜଣ ପ୍ରତିଯୋଗୀ ସେମାନଙ୍କ ଗାଇଡ୍ ଶିକ୍ଷକମାନଙ୍କ ସହ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଜନସ୍ୱାସ୍ଥ୍ୟ ବିଭାଗର ଏଡିଏମ ଡାକ୍ତର




ସନ୍ତୋଷ କୁମାର ପୃଷ୍ଟି ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଏଚ୍.ଆଇ.ଭି/ଏଡ଼ସ୍ ବିଷୟରେ ସଚେତନ କରାଇବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ । ତାଙ୍କ ସହ ସମ୍ମାନିତ ଅତିଥି ଭାବେ ଜୁନିୟର ରେଡକ୍ରସ ଅଧିକାରୀ ନରେନ୍ଦ୍ର ପ୍ରସାଦ ସାହୁ, ପି.ଏମ୍. ଶ୍ରୀ ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମିଲି ପରିଦା, ମେଡିକାଲ କର୍ମଚାରୀ ଦେବେନ୍ଦ୍ର ବାବୁ ଏବଂ ବ୍ଲକ ସଂଯୋଜକ ଧର୍ମେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ସମଗ୍ର କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ଏହି କୁଇଜ୍ ପ୍ରତିଯୋଗିତାରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ବାସୁଦେବପୁର ଏ.ବି. ହାଇସ୍କୁଲର ଛାତ୍ର ସୌମ୍ୟରଞ୍ଜନ ଦାଶ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଚାନ୍ଦବାଲି ଡାଖା ହାଇସ୍କୁଲର ଛାତ୍ର ସୌମ୍ୟ ରଞ୍ଜନ ବିଶ୍ୱାଳ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି । କୃତୀ ପ୍ରତିଯୋଗୀ ଦ୍ୱୟଙ୍କୁ ପୁରସ୍କାର ସ୍ୱରୂପ ୬୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି । ଏହା ସହିତ ଏହି ଦୁଇ ଜଣ ବିଜେତା ଆଗାମୀ ରାଜ୍ୟ ସ୍ତରୀୟ ଏଚ୍.ଆଇ.ଭି/ ଏଡ଼ସ୍ କୁଇଜ୍ ପ୍ରତିଯୋଗିତାରେ ଭଦ୍ରକ ଜିଲ୍ଲା ତରଫରୁ ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ ହୋଇଛନ୍ତି । ଶେଷରେ ସମସ୍ତ ଗାଇଡ୍ ଶିକ୍ଷକ, ଛାତ୍ରଛାତ୍ରୀ ଓ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇ ସଭା ସାଙ୍ଗ କରାଯାଇଥିଲା ।

# ଜାଗ ମୟୂରଭଞ୍ଜ ଜାଗ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକ ସାମ୍ବାଦିକ ଡା. ଅସୀମ କୁମାର ଚକ୍ରବର୍ତ୍ତୀ ସମ୍ବର୍ଦ୍ଧିତ

ବାରିପଦା : ଗୁରୁ ଦିବସ ଅବସରରେ 'ଜାଗ ମୟୂରଭଞ୍ଜ ଜାଗ' ଅନୁଷ୍ଠାନ ପକ୍ଷରୁ ସାମ୍ବାଦିକ ତଥା ଅବସରପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ସମ୍ମାନିତ କରାଯାଇଛି । ଶିକ୍ଷା କ୍ଷେତ୍ରରେ ଦୀର୍ଘଦିନର ଅବଦାନ ସହ ସାମାଜିକ କ୍ଷେତ୍ରରେ ନିରନ୍ତର ସେବା ପାଇଁ ଅବସରପ୍ରାପ୍ତ କୃତି ଶିକ୍ଷକ ତଥା ସାମ୍ବାଦିକ ଡା. ଅସୀମ କୁମାର ଚକ୍ରବର୍ତ୍ତୀଙ୍କୁ ଏହି ଅବସରରେ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଛି । ଡା. ଚକ୍ରବର୍ତ୍ତୀ ଜଣେ ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଭାବେ ମୟୂରଭଞ୍ଜ ଜିଲ୍ଲାରେ ପରିଚିତ । ତାଙ୍କର ସମଗ୍ର ଶିକ୍ଷକତା ଜୀବନ ଆଦର୍ଶ ଦୁର୍ଗାବତୀ ରାଷ୍ଟ୍ରଭାଷା ବିଦ୍ୟାଳୟରେ ଅତିବାହିତ




ହୋଇଥିଲା । ଦୀର୍ଘବର୍ଷ ଧରି ସେ ଛାତ୍ରଛାତ୍ରୀଙ୍କୁ କେବଳ ପାଠପଢ଼ା ନୁହେଁ, ନୈତିକ ମୂଲ୍ୟବୋଧ, ଶୃଙ୍ଖଳା ଓ ସାମାଜିକ ଦାୟିତ୍ୱବୋଧ ସମ୍ପର୍କରେ ମଧ୍ୟ ଶିକ୍ଷା ପ୍ରଦାନ କରିଆସିଥିଲେ । ଅଗଷ୍ଟ ୨୦୨୦ରେ ସେ ଶିକ୍ଷକତାରୁ ଅବସର ଗ୍ରହଣ କରିଥିଲେ । ଅବସର ପରେ ମଧ୍ୟ ସମାଜ ପ୍ରତି ତାଙ୍କର ଦାୟିତ୍ୱବୋଧ କମିନାହିଁ । ବିଭିନ୍ନ ସାମାଜିକ ଓ ସେବାମୂଳକ ଅନୁଷ୍ଠାନ ସହ ଜଡ଼ିତ ରହି ସେ ନିରନ୍ତର ସମାଜସେବା କରିଆସୁଛନ୍ତି । ଶିକ୍ଷା, ସାମ୍ବାଦିକତା ଓ ସମାଜସେବା । ଏହି ତିନିଟି କ୍ଷେତ୍ରରେ ତାଙ୍କର ଅବଦାନ ଅନେକଙ୍କ ପାଇଁ ପ୍ରେରଣା ପାଲଟିଛି । ଗୁରୁ ଦିବସ ଅବସରରେ ଆୟୋଜିତ ସମ୍ମାନ ସମାରୋହରେ ଅନୁଷ୍ଠାନ ପକ୍ଷରୁ ଡା. ଅସୀମ କୁମାର ଚକ୍ରବର୍ତ୍ତୀଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା । ବାରିପଦା ନଗରପାଳ ତାଙ୍କୁ ସମ୍ମାନିତ କରିଥିଲେ । ଏହି ସମ୍ବର୍ଦ୍ଧନା ତାଙ୍କର ଦୀର୍ଘ ଶିକ୍ଷକତା ଜୀବନ ଓ ସମାଜ ପ୍ରତି ନିରନ୍ତର ଅବଦାନର ଏକ ସ୍ୱୀକୃତି ବୋଲି ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଥିଲେ । ଗୁରୁ ଦିବସରେ ଜଣେ ଆଦର୍ଶ ଶିକ୍ଷକଙ୍କୁ ଏଭଳି ସମ୍ମାନିତ କରାଯିବା ଶିକ୍ଷକ ସମାଜ ସହ ସମଗ୍ର ମୟୂରଭଞ୍ଜ ପାଇଁ ଏକ ସକାରାତ୍ମକ ବାର୍ତ୍ତା ବୋଲି ମତ ପ୍ରକାଶ ପାଇଛି ।

# ୧୨ ଶିକ୍ଷକଙ୍କୁ ନେସନ୍ ବିଲ୍ଡର୍ ଆୱାର୍ଡ'

ଜୟପୁର : (ହି.ସ.) - ରୋଟାରୀ କ୍ଲବ୍ ଅଫ୍ ଜୟପୁର ପ୍ରାଇଡ୍ ପକ୍ଷରୁ ଶିକ୍ଷକ ଦିବସ ଅବସରରେ ଫୁଲବାଡ଼ସ୍ଥିତ ବିଜ୍ଞାନ ଇଂଟରନ୍ୟାସନାଲ୍ ସ୍କୁଲ ପରିସରରେ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଥିଲା । କ୍ଲବ୍ ସଭାପତି ରୋଟାରିଆନ୍ କାଳୁରାମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଏସ୍ଡିପିଓ ଆଇପିଏସ୍ ଅର୍ଚ୍ଚିତା ମିତଲ ଏବଂ ଡ. ମନୋରଞ୍ଜନ ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ । ଜୟପୁର ସହରର ବିଭିନ୍ନ ଘରୋଇ ଉଚ୍ଚ ବିଦ୍ୟାଳୟର ୧୨ ଜଣ ଶିକ୍ଷକଙ୍କୁ 'ନେସନ୍ ବିଲ୍ଡର୍ ଆୱାର୍ଡ' ପ୍ରଦାନ ସହ ସମ୍ମାନିତ କରାଯାଇଥିଲା । ଶିକ୍ଷା କ୍ଷେତ୍ରରେ ଅବଦାନ ଓ ଜାତି ଗଠନରେ ଭୂମିକା ପାଇଁ ସେମାନଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା । ଏଥିସହ ଶିକ୍ଷା କ୍ଷେତ୍ର ସହ ଜଡ଼ିତ ୪ ଜଣ ରୋଟାରିଆନ୍‌ଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଏସ୍ଡିପିଓ ଅର୍ଚ୍ଚିତା ମିତଲଙ୍କ ନେତୃତ୍ୱରେ ଆୟୋଜିତ 'ଇଣ୍ଡିଆ ଅ୨୦୪୭: ଟୁଡେ'ସ୍ ୟୁଥ୍ ବିଲ୍ଡିଂ ଟୁମରୋ'ସ୍ ନେସନ୍' ବିଷୟକ ସୃଜନଶୀଳ ପ୍ରତିଯୋଗିତାର କୃତୀ ୩୬ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ଦିଆଯାଇଥିଲା । ଓଡ଼ିଆ ଓ ଇଂରାଜୀ ପ୍ରବନ୍ଧ, କବିତା, ଚିତ୍ରାଙ୍କନ, ସୁନ୍ଦର ହସ୍ତାକ୍ଷର ଓ ପୋଷ୍ଟର ଡିଜାଇନ୍ ଇତ୍ୟାଦି ୬ଟି ବର୍ଗରେ ପ୍ରତିଯୋଗିତା ହୋଇଥିଲା । କ୍ଲବ୍ ସମ୍ପାଦକ ରୋଟାରିଆନ୍ ନରେଶ ମହାକୁଳ ମଂଚାସୀନ ଥିବାବେଳେ ବରିଷ୍ଠ ରୋଟାରିଆନ୍ ଜି.ଭି. ରାଓ ମଂଚ ପରିଚାଳନା କରିଥିଲେ । ରୋଟାରିଆନ୍ ରାମନାଥ ସାହୁ, ମୁରଲୀଧର ସାବତ, ରାମହରି ପଣ୍ଡା, ପ୍ରକାଶ ନାୟକ ଓ ସୁରେଶ ପାଣିଗ୍ରାହୀଙ୍କ ସମେତ ଅନ୍ୟ ରୋଟାରିଆନ୍‌ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବାରିପଦାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ବାରିପଦା : ମୟୂରଭଞ୍ଜ ଜିଲ୍ଲା ମୁଖ୍ୟାଳୟ ବାରିପଦାଠାରେ ସୋମବାର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ହେମକାନ୍ତ ସଏ ସ୍ୱାସ୍ଥ୍ୟଗତ କାରଣରୁ ଅନୁପସ୍ଥିତ ଥିବାରୁ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଶିବିରରେ ଅଧ୍ୟକ୍ଷତା କରି ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ । ଶିବିରରେ ସର୍ବମୋଟ ୨୬୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ଏଥିମଧ୍ୟରୁ ୨୨୬ଟି ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ଏବଂ ୩୫ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ପର୍କିତ ଥିଲା । ଶିବିରରେ ଗୋଟିଏ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ।



ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି କିମ୍ବା ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପାଇଁ ଆଜି କୌଣସି ଆବେଦନ ଗ୍ରହଣ କରାଯାଇ ନଥିଲା । ବିଭିନ୍ନ ବିଭାଗ ସମ୍ପର୍କିତ ଅଭିଯୋଗଗୁଡ଼ିକର ଯଥାର୍ଥ ଅନୁଧ୍ୟାନ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ତ୍ୱରିତ ସମାଧାନ କରିବାକୁ ଶ୍ରୀ ମଲ୍ଲିକ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଂଟୁପାଲ୍ଲୀ ଉପସ୍ଥିତ ରହି ଆଇନଶୃଙ୍ଖଳା ସମ୍ପର୍କିତ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ । ଏଥିସହ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଓ ଈଶ୍ୱର ଚନ୍ଦ୍ର ନାଏକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ବାରିପଦା ଉପ-ଜିଲ୍ଲାପାଳ ଶ୍ରୀମତୀ କସ୍ତୁରୀ ପଣ୍ଡା, ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଶ୍ୱନାଥ ଦାସଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଓ ବାରିପଦା ଉପଖଣ୍ଡସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣିରେ ସହଯୋଗ କରିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଶିବିରର ସୁପରିଚାଳନାରେ ସକ୍ରିୟ ସହଯୋଗ ପ୍ରଦାନ କରିଥିଲେ ।

# ଏମଭି ୭୯ ପୋଲିସ ଦ୍ୱାରା ସଡ଼କ ସୁରକ୍ଷା ସଚେତନତା ରାଲି ଓ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି : (ହି.ସ.)- ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମ ଭି ୭୯ ଠାରେ ସୋମବାର ଦିନ ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଡାକ୍ତର ଶ୍ୟାମା ପ୍ରସାଦ ଜୁନିଅର କଲେଜ ଠାରୁ ଆରମ୍ଭ କରି ବଜାର ପର୍ଯ୍ୟନ୍ତ ଏକ ସଚେତନତା ରାଲି ଆୟୋଜନ କରାଯାଇଥିଲା । ଏହି ରାଲିରେ ଏମ ଭି ୭୯ ଥାନା ଅଧିକାରିଣୀ ପୂର୍ଣ୍ଣିମା ଟେଟେ ଙ୍କ ସମେତ ସମସ୍ତ ପୋଲିସ କର୍ମଚାରୀ ଏବଂ କଲେଜ ର ପ୍ରାୟ ୫୦୦ ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଓ ସାଧାରଣ ଜନତା ଯୋଗ ଦେଇଥିଲେ । ାର୍ଯ୍ୟକ୍ରମରେ ଟ୍ରାଫିକ ନିୟମ ଓ ମୋଟର ଯାନ ଆଇନର ନିୟମାବଳୀ ବିଷୟରେ ଆଲୋଚନା କରାଯାଇଥିଲା । ଗାଡି ଚାଳନା ସମୟରେ ହେଲମେଟ ବ୍ୟବହାର, ନିଶାଦ୍ରବ୍ୟ ଓ ମଦ୍ୟପାନ କରି ଗାଡି ନ ଚଲାଇବା, ନୋ ପାର୍କିଂ ଜୋନରେ ଗାଡି ନ ରଖିବା, ଆରସି, ଡ୍ରାଇଭିଂ ଲାଇସେନ୍ସ, ଇନସୁରାନ୍ସ ଭଳି ଆବଶ୍ୟକ କାଗଜପତ୍ର ରଖିବା ବିଷୟରେ ସଚେତନ କରାଯାଇଥିଲା । ଏହା ସହିତ ପିଏମ ରାହତ ଯୋଜନା ଏବଂ ଦୁର୍ଘଟଣା ସହାୟତା ସମ୍ବନ୍ଧୀୟ ଅନ୍ୟାନ୍ୟ ଯୋଜନା ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା । ଦୁର୍ଘଟଣା ସମୟରେ ସହାୟତା ପାଇଁ ୱାଟସଆପ୍ ଚାଟବଟ୍ ନମ୍ବର ପ୍ରଦାନ କରାଯାଇ ଏହାର ବ୍ୟବହାର ବିଧି ବିଷୟରେ ବୁଝାଯାଇଥିଲା ।

# ବିଉଟିସିଆନ ୱେଲଫେୟାର ଆସୋସିଏସନର ୫ମ ବାର୍ଷିକ ଉତ୍ସବ

କଟକ: (ନି ପ୍ର ) ଟଙ୍କପାଣି ରୋଡସ୍ଥିତ ଗ୍ରାଣ୍ଡ ମଣ୍ଡପଠାରେ ଓଡିଶା ବିଉଟିସିଆନ କଲ୍ୟାଣ ସଂଘର ପଂଚମ ବାର୍ଷିକ ସମ୍ମିଳନୀ ହର୍ଷ ଉଲ୍ଲାସରେ ନୃତ୍ୟ ଗୀତ ସଙ୍ଗୀତର ତାଳେ ତାଳେ ଆନୁଷ୍ଠାନିକ ଭାବରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ହେୟାର ଆଣ୍ଡ ଭାରତ ବିଉଟି ଫେଡେରେସନର ପ୍ରତିଷ୍ଠାତା ସଭାପତି ଅଶୋକ ପଲିୱାଲ ଯୋଗଦେଇ କହିଲେ ଯେ ସୌନ୍ଦର୍ଯ୍ୟ ପାଇଁ ଏକାଠି, କଲ୍ୟାଣ ପାଇଁ ଏକାଠି ଓ ଏକତା ପାଇଁ ଏକାଠି ହେବା ଅତ୍ୟନ୍ତ ଜରୁରୀ । ଏହା ଦ୍ୱାରା ପ୍ରତ୍ୟେକଙ୍କ ମଧ୍ୟରେ ଭଲ ପାଇବା ଓ ସ୍ନେହ ପ୍ରେମ, ଆଦର ଓ ସମ୍ମାନ ବୃଦ୍ଧି



ପାଇବ ।ଭାରତ କେଶ ଏବଂ ସୌନ୍ଦର୍ଯ୍ୟ ମହାସଂଘର ଉପାଧ୍ୟକ୍ଷ ଉଦୟ ଟାକକ୍କ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବିଉଟିସିଆନ ମାନଙ୍କୁ ଉତ୍ସାହିତ କରିଥିବାବେଳେ ତାଙ୍କ ସହଯୋଗୀମାନେ ଉପସ୍ଥିତ ହୋଇ ସହଯୋଗ କରିଥିଲେ । ଏହି ବି ଡବ୍ଲୁ ଏ ସମାଜରେ ବହୁ ସେବା ମୂଳକ କାର୍ଯ୍ୟ କରି ରାଜ୍ୟରେ ଅଗ୍ରଣୀ ସଂଗଠନ ଭାବରେ ଚର୍ଚ୍ଚାରେ ରହିଛି । ରକ୍ତଦାନ, ଖାଦ୍ୟ ବଂଟନ , କର୍କଟ ରୋଗରେ ପୀଡ଼ିତଥିବା ରୋଗୀ ମାନଙ୍କୁ ସହାୟତା ପ୍ରଦାନ କରିବାର ଦେଖାଯାଇଛି । ପାଂଚ ହଜାରରୁ ଅଧିକ ସଭ୍ୟା ଏହି ସଂଗଠନରେ ଅଂଶ ଗ୍ରହଣ କଲେଣି । ଏହି କାର୍ଯ୍ୟକ୍ରମରେ ଦୁଇ ହଜାରରୁ ଅଧିକ ସଭ୍ୟା ଯୋଗଦେଇ ଆମୋଦ ପ୍ରମୋଦରେ ହଜି ଯାଇଥିଲେ । କିଏ ସେଲ୍ଫି ନେଉଛନ୍ତି ତ କିଏ ନୃତ୍ୟ ପରିବେଷଣ କରି ବିଦଗ୍ଧ ଦର୍ଶକ ମାନଙ୍କର ହୃଦୟକୁ ଜିଣି ଯାଉଥିଲେ । ଏହି କାର୍ଯ୍ୟକ୍ରମକୁ ନେତୃତ୍ୱ ନେଇ ପରିଚାଳନା କରିଥିଲେ ରାଜ୍ୟ ସଭାପତି ସୁପ୍ରିୟା ମିଶ୍ର , ସାଧାରଣ ସମ୍ପାଦିକା ସୁନିତା ରାୟ ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ଆଗେଇ ନେଇ ଥିଲେ । ସର୍ବ ଶେଷରେ ଉପସଭାପତି କ୍ରିଷ୍ଣାପ୍ରିୟା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ମହିଳା ଆଇନଜୀବୀ ସମ୍ମିଳନୀ ଅନୁଷ୍ଠିତ ଏବଂ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା

କଟକ: (ନି ପ୍ର )କଟକର ମହିଳା ଆଇନଜୀବୀ ସମ୍ମିଳନୀ ସିଡ଼ିଏ ସେକ୍ଟର-୯ ସ୍ଥିତ ସନ୍ତୁକା ପ୍ୟାଲେସ୍ ରେ ଅନୁଷ୍ଠିତ ହୋଇ ଯାଇଛି ।ଏହି କାର୍ଯ୍ୟକ୍ରମରେ ମହିଳା ଆଇନଜୀବୀ ମାନଙ୍କ ପାଇଁ ବାଇଶ ସୂତ୍ରୀ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ପ୍ରାକୃତିକ ବିପର୍ଯ୍ୟୟ ଏବଂ ଜରୁରୀ ପରିସ୍ଥିତିରେ ଆଇନଜୀବୀ ମାନଙ୍କୁ ରିଲିଫ୍ ଦେବା ପାଇଁ ଏକ ରିଲିଫ୍ କେନ୍ଦ୍ର ଖୋଲିବା ସମନ୍ଧରେ ଆଲୋଚନା ଏବଂ ଆଇନଜୀବୀ ମାନଙ୍କୁ ନେଇ ଏକ ରିଲିଫ୍ କମିଟି ଗଠନ କରିବା ଏବଂ ଉକ୍ତ




ସମ୍ମିଳନୀରେ ମହିଳା ଆଇନଜୀବୀ ମାନଙ୍କର ୫୦ ପ୍ରତିଶତ ହକ୍ ଓ ଅଧିକାରକୁ ପକ୍କା କରିବା ବିଷୟରେ ଆଲୋଚନା କରି ମହିଳା ଆଇନଜୀବୀ ମାନଙ୍କୁ ଉତ୍ସାହିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ କିରନ ରାଉତ ସଭା ପରିଚାଳନା କରିଥିବାବେଳେ ମୁଖ୍ୟ ବକ୍ତା ଭାବରେ ରମେଶ ଚନ୍ଦ୍ର ରାଉତ ଅନ୍ୟାନ୍ୟ ବକ୍ତା ମାନଙ୍କ ମଧ୍ୟରେ ସବିତା ବେହେରା, ବିଚ୍ଛନ୍ଦା ନାୟକ, ରେଣୁବାଳା ବାରିକ, ସୌଦାମିନି ଦ୍ୱିବେଦୀ, ଅଞ୍ଜଳିପ୍ରଭା ଦାଶ, ଭାନୁପ୍ରୀୟା ସାହୁ, ସି କସ୍ତୁରୀ, ଭାରତୀ ଦାଶ, ମାନସୀ ପଣ୍ଡା, ମଧୁସ୍ମିତା କାନୁନଗୋ, ସୁରେନ୍ଦ୍ର ନାଥ କର, ବିଷ୍ଣୁ ମୋହନ ମହାପାତ୍ର, ସୁକାନ୍ତ ଶ୍ରୀ ଚନ୍ଦନ , ଏ ତାଣ୍ଡିଆ ପ୍ରମୁଖଙ୍କ ସହିତ ବହୁ ମହିଳା ଆଇନଜୀବୀ ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଢେଙ୍କାନାଳ ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ଶପଥ ପାଠ

ଭୁବନ : (ହି.ସ.)- ଢେଙ୍କାନାଳ ଜିଲ୍ଲା ଓଡାପଡା ପଂଚାୟତ ସମିତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ବାଲ୍ୟ ବିବାହ ମୁକ୍ତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ବିଶ୍ୱ ଯୁବ କେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଅଧ୍ୟକ୍ଷତା କରି କହିଥିଲେ ଯେ,ଭାରତ ବର୍ଷରେ ବାଲ୍ୟ ବିବାହ ମୁକ୍ତ ' ଜଷ୍ଟ ରାଇଟ୍ସ ଫର ଚିଲଡ୍ରେନ୍' ପାଇଁ ଉଠିଥିବା ସ୍ୱର ଆଜି ବିଶ୍ୱସ୍ତରୀୟ ସଂକଳ୍ପରେ ପରିଣତ ହୋଇଛି । ନଭେମ୍ବର ୨୭ କୁ ବାଲ୍ୟ ବିବାହ ମୁକ୍ତ ଦିବସ ଭାବେ ପାଳନ କରିବାକୁ ଜାତିସଂଘ ଘୋଷଣା କରିଛି । ଢେଙ୍କାନାଳ ଜିଲ୍ଲାର ତୃଣମୂଳ ସ୍ତରରେ ବିଶ୍ୱ ଯୁବ କେନ୍ଦ୍ର ଏଥିପାଇଁ କାର୍ଯ୍ୟ କରୁଛି । କେବଳ ଆଇନ ଦ୍ୱାରା ବାଲ୍ୟ ବିବାହ କୁ ରୋକାଯାଇ ପାରିବ ନାହିଁ । ଏଥିପାଇଁ ସ୍କୁଲ,କଲେଜ ଓ ଗାଁ ଗାଁ ରେ ବ୍ୟାପକ ସଚେତନତା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ାପଡ଼ା ପଂଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ସସ୍ମିତା ମହାନ୍ତି, ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ,ବିଡ଼ିଓ ଦିଲ୍ଲୀପ କୁମାର ଷଡ଼ଙ୍ଗୀ,ଏବିଓ ପୋଲୋଷ୍ଟ୍ୟ ସାହୁ,ଏ ଏଲ ଓ ଭବାନୀ ଶଙ୍କର, ଏସ ଆଇ ପ୍ରଶାନ୍ତ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ,ଶିଶୁ ସହାୟକ ରୋଶନ କୁମାର ନନ୍ଦ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ନିବେଦିତା ତ୍ରିପାଠୀ, ବିଶ୍ୱ ଯୁବ କେନ୍ଦ୍ର କାଉନସେଲର ମନସ୍ମିତା ନାୟକ,ସୁମିତ୍ରା ସ୍ୱାଇଁ, କୁମୁଦିନୀ ସ୍ୱାଇଁ, ବିଦ୍ୟୁଲତା ଭଞ୍ଜଙ୍କ ସମେତ ସରପଂଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ, ଅଙ୍ଗନୱାଡି କର୍ମୀ,ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ମାନେ ଯୋଗ ଦେଇ ଅଧାରୁ ପାଠ ଛାଡୁଥିବା ଛାତ୍ର ଛାତ୍ରୀ ମାନଙ୍କୁ ବିଦ୍ୟାଳୟକୁ ଆଣିବା, ବାଲ୍ୟ ବିବାହ, ଶିଶୁ ଚାଲାଣ, ଶିଶୁ ଯୌନ ନିର୍ଯାତନା ସହିତ କିଶୋରୀ ବାଳିକା ମାନଙ୍କୁ ସାଇବର୍ ସୁରକ୍ଷା ସମ୍ପର୍କରେ ସଚେତନତା ଆବଶ୍ୟକ ବୋଲି କହିଥିଲେ । ଢେଙ୍କାନାଳ ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ ଜିଲ୍ଲା କରିବା ପାଇଁ ଶପଥ ପାଠ କରାଯାଇଥିଲା ।

# ୧୦ ଦିନ ଧରି ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭଦ୍ରକ : ଜିଲ୍ଲା ଆଗରପଡା ମହାବିଦ୍ୟାଳୟରେ ୧୦ ଦିନ ଧରି ଚାଲିଥିବା ବାଳିକା ଆତ୍ମ ରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍ ଜାପିତ ହୋଇଯାଇଛି । କଲେଜ ଅଧକ୍ଷ , ଅଧ୍ୟାପକ ଅଧ୍ୟାପିକା ପ୍ରଶିକ୍ଷକ ଯୋଗ ଦେଇ ଛାତ୍ରୀ ମାନେ ଦୃଢ଼ ଆତ୍ମ ବିଶ୍ୱାସ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।ଏଥିରେ ପ୍ରଶିକ୍ଷକ ନେଇଥିବା ୧୦୦ ଜଣ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରି ଥିଲେ ।

# ପର୍ଯ୍ୟଟନସ୍ଥଳୀର ରୂପ ନେବ କନ୍ଧମାଳ କଟାଙ୍ଗିର ପୁରାତନ ଶୈବପୀଠ: ସୌନ୍ଦର୍ଯ୍ୟକରଣ ଓ ଭିତିଭୂମି ବିକାଶ ପାଇଁ ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ

କନ୍ଧମାଳ : (ହି.ସ.)- କନ୍ଧମାଳ ଜିଲ୍ଲାର ଦୁର୍ଗମ ଓ ଅପହଂଚ ଅଂଚଳରେ ଲୁଚି ରହିଥିବା ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଐତିହାସିକ-ଧାର୍ମିକ ପର୍ଯ୍ୟଟନସ୍ଥଳୀଗୁଡ଼ିକର ବିକାଶ ପାଇଁ ପ୍ରଶାସନର ପଦକ୍ଷେପ ଏବେ ଆଶା ସଂଚାର କରିଛି । ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ସୁମେରବନ୍ଧ ପଂଚାୟତର ଅପହଂଚ ଅଂଚଳରେ ଥିବା ପୁରାତନ କଟାଙ୍ଗି ଶୈବପୀଠର ସୌନ୍ଦର୍ଯ୍ୟକରଣ ଓ ପର୍ଯ୍ୟଟନ ବିକାଶ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ଷେତ୍ର ପରିଦର୍ଶନ କରାଯାଇଛି ।କନ୍ଧମାଳ ଜିଲ୍ଲା ପରିଷଦ ପ୍ରକଳ୍ପ ନିର୍ଦ୍ଦେଶକ ଶମ୍ଭୁନାଥ ନନ୍ଦୀଙ୍କ ସହ ସହକାରୀ ନିର୍ବାହୀ ଯନ୍ତ୍ରୀ ଜୟପ୍ରକାଶ ଜେନା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସୁନିଲ କୁମାର ପାତ୍ର କଟାଙ୍ଗି ଅଂଚଳ ଗସ୍ତ କରି ପୁରାତନ ଶୈବପୀଠ ପରିଦର୍ଶନ କରିଥିଲେ । ଏହି ସମୟରେ ଶୈବପୀଠର ପରିବେଶ, ଏହାର ଚତୁଃପାର୍ଶ୍ୱର ପ୍ରାକୃତିକ ପରିବେଶ ଓ ଭବିଷ୍ୟତରେ ଏହାକୁ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବାର ସମ୍ଭାବନା ସମ୍ପର୍କରେ ଅନୁଧ୍ୟାନ କରାଯାଇଥିଲା । କଟାଙ୍ଗି ଶୈବପୀଠଟି ଦୀର୍ଘଦିନ ଧରି ଅଂଚଳବାସୀଙ୍କ ଆସ୍ଥା ଓ ବିଶ୍ୱାସର ପ୍ରମୁଖ କେନ୍ଦ୍ର ଭାବେ ରହିଆସିଛି । ଦୁର୍ଗମ ଅଂଚଳରେ ଅବସ୍ଥିତ ହୋଇଥିବାରୁ ଏହି ସ୍ଥାନର ଅନେକ ସମ୍ଭାବନା ଏପର୍ଯ୍ୟନ୍ତ ଲୋକ ଲୋଚନକୁ ଆସିପାରି ନାହିଁ । ଯଦି ଏଠାରେ ଆବଶ୍ୟକ ଭିତିଭୂମି ସହ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଏ, ତେବେ କଟାଙ୍ଗି ଶୈବପୀଠ କନ୍ଧମାଳ ଜିଲ୍ଲାର ଏକ ପ୍ରମୁଖ ଧାର୍ମିକ ଓ ପର୍ଯ୍ୟଟନସ୍ଥଳୀ ଭାବେ ଉଭା ହୋଇ ପାରିବ ବୋଲି ଅଂଚଳବାସୀ ଆଶା ପ୍ରକାଶ କରିଛନ୍ତି । ବିଶେଷକରି ପର୍ଯ୍ୟଟକଙ୍କ ଆଗମନକୁ ଦୃଷ୍ଟିରେ ରଖି ରାସ୍ତାଘାଟର ଉନ୍ନତି, ପାନୀୟ ଜଳ, ବସିବା ସ୍ଥାନ, ଆଲୋକୀକରଣ, ପରିମଳ ବ୍ୟବସ୍ଥା, ସୂଚନା ଫଳକ ଓ ପରିବେଶ ସୁରକ୍ଷା ଭଳି ମୌଳିକ ସୁବିଧାର ବିକାଶ ହେଲେ ଏହି ସ୍ଥାନର ଗୁରୁତ୍ୱ ଆହୁରି ବଢ଼ିବ । ଏହା ଫଳରେ ଧାର୍ମିକ ପର୍ଯ୍ୟଟନ ସହିତ ସ୍ଥାନୀୟ ଅଂଚଳର ଆର୍ଥିକ ଓ ସାମାଜିକ ବିକାଶର ମଧ୍ୟ ନୂଆ ସୁଯୋଗ ସୃଷ୍ଟି ହୋଇପାରିବ । ଦୀର୍ଘଦିନ ଧରି ଅବହେଳିତ ହୋଇ ରହିଥିବା କଟାଙ୍ଗି ଶୈବପୀଠର ବିକାଶ ପାଇଁ ଜିଲ୍ଲାସ୍ତରୀୟ ଅଧିକାରୀମାନେ ସ୍ଥଳ ପରିଦର୍ଶନ କରିବା ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ସାହ ଓ ଆଶା ବଢ଼ିଛି । ଅଧିକାରୀ ମାନଙ୍କ ଏହି ପଦକ୍ଷେପ ପାଇଁ କଟାଙ୍ଗି ଅଂଚଳବାସୀ ସାଧୁବାଦ ଜଣାଇବା ସହ ଶୈବପୀଠର ସୌନ୍ଦର୍ଯ୍ୟକରଣ ଓ ଭିତିଭୂମି ବିକାଶ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ ବୋଲି ଆଶା ବ୍ୟକ୍ତ କରିଛନ୍ତି ।

# ୧୫ତମ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ



ନୀଳଗିରି(ନିପ୍ର): ନୀଳଗିରି ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଦିନ ବ୍ଲକ୍ ସ୍ତରୀୟ ୧୫ ତମ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ବାଲେଶ୍ୱର ଙ୍କ ପକ୍ଷରୁ ଆୟୋଜିତ କରାଯାଇଥିଲା ।ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ ମାନ୍ୟବର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇ ଶୁଭ ଉଦଘାଟନ କରିଥିବା ବେଳେ ମାନ୍ୟବର ବିଧାୟକ ସନ୍ତୋଷ ଖଟୁଆ, ପଂଚାୟତ ସମିତି ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଉପାଧ୍ୟକ୍ଷ ଜ୍ୟୋତିର୍ମୟ ପୋଥାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ା, ମଙ୍ଗଳ ସଂପ୍ରସାରଣ ଅଧିକାରୀ ତଥା ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ଶତପୋଥି ପ୍ରମୁଖ ଉପସ୍ଥିତ ଥିଲେ । ନୀଳଗିରି ପଂଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଂଚାୟତରୁ ମୋଟ ୨୨୪ ଜଣ ଦିବ୍ୟାଙ୍ଗ ନିଜ ନିଜ ନାମ ପଞ୍ଜୀକରଣ କରିଥିଲେ । ଉକ୍ତ ପଞ୍ଜୀକୃତ ଦିବ୍ୟାଙ୍ଗ ହିତାଧିକାରୀମାନଙ୍କୁ ଉପଖଣ୍ଡ ଏବଂ ଜିଲ୍ଲା ସ୍ତରୀୟ ଦକ୍ଷ, ଅଭିଜ୍ଞ ଚିକିତ୍ସକଙ୍କ ଦ୍ୱାରା ପରୀକ୍ଷା ନିରୀକ୍ଷା କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଦୃଷ୍ଟି ବାଧିତ ବର୍ଗରେ ୪୦ ଜଣ, ମାନସିକ ଅନଗ୍ରସରରେ ୨୧ ଜଣ ଏବଂ ଅନାନ୍ୟରେ ୧୬୩ଜଣ ହିତାଧିକାରୀଙ୍କ ପରୀକ୍ଷା ନିରୀକ୍ଷା କରାଯାଇ ଯୋଗ୍ୟ ହିତାଧିକାରୀଙ୍କ ଚିହ୍ନଟ କରାଯାଇଛି । ଏଥିରେ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ କିସମର ପ୍ରମାଣ ପତ୍ର,ବାର୍ଷିକ ଆୟ ପ୍ରମାଣ ପତ୍ର, ବସ୍, ରେଳ ରିହାତି ଅନୁମତି ପତ୍ର,ଋଣ ଆବେଦନ ଫର୍ମ , ରେସନ କାର୍ଡ ଯୋଗାଇ ଦେବା ପାଇଁ ସୁବିଧା ଉପଲବ୍ଧ କରାଯାଇଥିଲା ।ଏହି ଶିବିରରେ ୧ଜଣ ତିନି ଚକିଆ ସାଇକେଲ, ୧ଜଣ କୁ ହ୍ୱିଲ ଚେୟାର ଏବଂ ୨ ଜଣ ହିତାଧିକାରୀଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା ।ଏହି ଶିବିରରେ ପଂଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଂଚାୟତରୁ ଆସିଥିବା ଦିବ୍ୟାଙ୍ଗ ହିତାଧିକାରୀ, ଉପଖଣ୍ଡ ଓ ଜିଲ୍ଲା ସ୍ତରୀୟ ଅଭିଜ୍ଞ ଚିକିତ୍ସକ, ପଂଚାୟତ ସମିତି କର୍ମକର୍ତ୍ତା ଏବଂ ଗଣ ମାଧ୍ୟମର ପ୍ରତିନିଧିଗଣ ଯୋଗ ଦେଇଥିଲେ ।

# ଘରୋଇ ହିଂସାରୁ ସୁରକ୍ଷା ଆଇନ ଉପରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ

ମାଲକାନଗିରି(ନିପ୍ର): ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ମାଲକାନଗିରି ଅନୁକୂଲ୍ୟରେ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହଠାରେ ମହିଳାମାନଙ୍କୁ ଘରୋଇ ହିଂସାରୁ ସୁରକ୍ଷା ଅଧିନିୟମ, ୨୦୦୫ ସମ୍ପର୍କିତ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ମହିଳାମାନଙ୍କୁ ଘରୋଇ ହିଂସାରୁ ସୁରକ୍ଷା, ସେମାନଙ୍କ ଅଧିକାର ଓ ସଚେତନତା ବୃଦ୍ଧି ସହ ଏହି ଆଇନର ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ସମ୍ୟକ୍ ଜ୍ଞାନ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ଶିବିରରେ ଆଇନଗତ ପରିଣାମ, ସୁରକ୍ଷା ଅଧିକାରୀଙ୍କ ଭୂମିକା ଓ ଦାୟିତ୍ୱ, ଅଭିଯୋଗ ପ୍ରକ୍ରିୟା, ମାଗଣା ଆଇନଗତ ସହାୟତା ଏବଂ ହିଂସାମୁକ୍ତ ସମାଜ ଗଠନରେ ଆରକ୍ଷୀ ବିଭାଗ, ଶିକ୍ଷାନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ସାମାଜିକ ସଂସ୍ଥାର ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ମିନତୀ ମହାନ୍ତି, ସହକାରୀ ପରିଚାଳକ (ଆଇନ) ସୂର୍ଯ୍ୟ ନାରାୟଣ ମହାପାତ୍ର, ସୁରକ୍ଷା ଅଧିକାରୀ ଟି ଜୟଲକ୍ଷ୍ମୀ ଏବଂ ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ରର ଜିଲ୍ଲା ସଂଯୋଜକ ମଣି ମୋହନ ସରକାର ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସୁଚିତା ପଣ୍ଡା ଏହି କାର୍ଯ୍ୟକ୍ରମର ସଂଯୋଜନା ଭାର ତୁଲାଇଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ସଖୀ କେନ୍ଦ୍ର, ଶକ୍ତି ସଦନ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟର ପ୍ରତିନିଧି, ଜିଲ୍ଲାର ସମସ୍ତ ଥାନା ଭାରପ୍ରାପ୍ତ ଆରକ୍ଷୀ ନିରୀକ୍ଷକ, ମହିଳା ସହାୟତା କେନ୍ଦ୍ରର ଆରକ୍ଷୀ ଅଧିକାରୀ, ଯୁବ ଓ ଛାତ୍ର ସଂଗଠନ, ପରିବର୍ତ୍ତନ ସ୍ୱେଚ୍ଛାସେବୀ ସଂସ୍ଥା, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ରର କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ ।

# ଦିନ ଦ୍ୱିପ୍ରହରରେ ଖପରାପଦା ଗ୍ରାମୀଣ ବ୍ୟାଙ୍କରୁ ସଶସ୍ତ୍ର ଡକାୟତି



ବାଲିଆପାଳ(ନିପ୍ର): ମଙ୍ଗଳବାର ଦିନ ଦ୍ୱିପ୍ରହରରେ ବାଲିଆପାଳ ଥାନା ଅନ୍ତର୍ଗତ ଖପରାପଦା ଗ୍ରାମିଣ ବ୍ୟାଙ୍କରୁ ସଶସ୍ତ୍ର ଡକାୟତି ହୋଇ ଯାଇଛି । ଏଥିରେ ଦଶ ଲକ୍ଷରୁ ଅଧିକ ଟଙ୍କା ଲୋଟ ହୋଇ ଥିବାର ବ୍ୟାଙ୍କ କର୍ତ୍ତୃପକ୍ଷ ଅନୁମାନ କରାଯାଇଥିବା କଥା କହିଛନ୍ତି । ସୁଚନା ମୁତାବକ ଆଜି ଅପରାହ୍ନ ୧ ଟା ୪୦ ମିନିଟ ସମୟରେ ୬ଜଣ ଶସ୍ତ୍ର ଡକାୟତ ତିନିଟି ବାଇକ ଯୁଗେ ଖପରାପଦା ଗ୍ରାମିଣ ବ୍ୟାଙ୍କ ଭିତକୁ ଗ୍ରହକ ଭାବାରେ ପଶିଥିଲେ । କେହି କିଛି ଭାବିବା ପୁର୍ବରୁ ବ୍ୟାଙ୍କର ଗେଟକୁ ବନ୍ଦ କରି ଦେଇଥିଲେ । ପରେ ବନ୍ଧୁକ ଓ ତେଲେଙ୍ଗା କାତି ଦେଖାଇ ବ୍ୟାଙ୍କ କର୍ମଚାରୀ ଓ କିଛି ଗ୍ରାହକଙ୍କ ଠାରୁ ପ୍ରଥମେ ମୋବାଇଲ ଛଡାଇ ନେଇ ସମସ୍ତଙ୍କୁ ଆଣ୍ଠେଇ ଦେଇ ଥିଲେ । ପରେ ମ୍ୟାନେଜର ଅଜୟ କୁମାର ସେଠିଙ୍କୁ ବନ୍ଧୁକ ଦେଖାଇବା ସହିତ ଆକ୍ରମଣ କରିଥିଲେ । ପରେ ମ୍ୟାନେଜର ଶ୍ରୀ ସେଠୀ ଭୟଭୀତ ହୋଇ ଷ୍ଟ୍ରଙ୍ଗ ରୋମ ଚାବି ଖୋଲିଥିଲେ । ପରେ ଡକାୟତ ମନେ ଷ୍ଟ୍ରଙ୍ଗରୋମ ଓ ଆକାଉଂଟ ସେକସନରୁ ଆନୁମାନିକ ଦଶ ଲକ୍ଷରୁ ଅଧିକ ଟଙ୍କା ଲୋଟ କରି ସମସ୍ତଙ୍କୁ ଷ୍ଟ୍ରଙ୍ଗରୋମ ଭିତରେ ପୂରାଇ ଚାବି ପକାଇ ଦେଇ ଚଂପଟ ମାରିଥିଲେ ବୋଲି ମ୍ୟାନେଜର ଶ୍ରୀ ସେଠୀ କହଛନ୍ତି । ତେବେ ସମସ୍ତ ଡ଼କାୟତ ବଙ୍ଗଳାର କଥା ବାର୍ତ୍ତା କରୁଥିବାରୁ ଏହି ଡକାୟତିରେ ବାହାର ରାଜ୍ୟର ଡ଼କାୟତ ମାନଙ୍କର ସମ୍ପୃକ୍ତି ଥିବା ନେଇ ଅନୁମାନ କରାଯାଉଛି । ଏହି ଡକାୟତି ଗ୍ୟାଙ୍ଗରେ ଦୁଇ ଜଣ ହେଲମେ[ ପିନ୍ଧି ଥିବା ବେଳେ ଜଣେ ମାସ୍କ ମୁହଁରେ ଲଗେଇ ଥିଲେ ଅନ୍ୟ କେତେ ଜଣ ଖୋଲା ମୁହଁରେ ଥିଲେ । ସେମାନଙ୍କ ମଧ୍ୟରେ ଜଣେ ଛୋଟା ଖୋଲା ମୁହିଁରେ ଥିବା ନେଇ ପାଖରେ ଥିବା ଏକ ସିସିଟିଭି ଫୁଟେଜରୁ ଜଣା ପଡ଼ିଛି । ମାତ୍ର ଡକାୟତ ମାନେ ପ୍ରଥମେ ବ୍ୟାଙ୍କରେ ଲାଗି ଥିବା ସିସିଟିଭି କ୍ୟାମରାର ହାଡ଼ଡିସ୍କ ଖୋଲି ନେଇ ଯାଇଥିବାର ସୂଚନା ମିଳିଛି ଡ଼କାୟତିର ଖବର ପାଇ ବାଲିଆପାଳ ପୋଲିସ ଘଟଣାସ୍ଥଳରେ ପହଂଚି ପ୍ରାଥମିକ ତଦନ୍ତ ଜାରି ରଖିଛି ।ତେବେ ଡକାୟତି ବିଷୟରେ କିଛି ସୁରାକ ମିଳି ନ ଥିବା ବେଳେ ବିଭିନ୍ନ ସ୍ଥାନରେ ପିଲିସ ଛାନ ଭିନ ଜାରି ରଖିଛି ।

# ‘ଜୁଆଙ୍ଗ ଜୀବନ ଚରିତ’ ପୁସ୍ତକ ଉନ୍ମୋଚିତ

କେନ୍ଦୁଝର(ହିସ): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଗୋନାସିକା ଗ୍ରାମପଂଚାୟତସ୍ଥିତ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଶିକ୍ଷାନିକେତନ), ଗୋନାସିକା ପରିସରରେ କବି ସାହିତ୍ୟିକ ତଥା ଗବେଷକ ରତ୍ନାକର ମହାନ୍ତଙ୍କ ରଚିତ ‘ଜୁଆଙ୍ଗ ଜୀବନ ଚରିତ’ ପୁସ୍ତକର ଉନ୍ମୋଚନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଆଂଚଳିକ ବିକାଶ ମଂଚ, ଜୁଙ୍ଗା ଗ୍ରାମପଂଚାୟତ, କେନ୍ଦୁଝର ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସମାରୋହରେ ଅବସରପ୍ରାପ୍ତ ବାଣିଜ୍ୟକର ଅଧିକାରୀ ରୁଦ୍ରସେନ୍ ଜୀତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ସାହିତ୍ୟକ ତଥା ସଭାପତି ମିଳନୀ ସାହିତ୍ୟ ସଂସଦ ଦେବାଶିଷ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ବଟକୃଷ୍ଣ ଦେହୁରୀ ଅବସର ପ୍ରାପ୍ତ ଅତିରିକ୍ତ ଶାସନ ସଚିବ ଷ୍ଟୀଲ ଓ ମାଇନସ ଓଡିଶା ସରକାର ସ୍ୱତନ୍ତ୍ର ସମ୍ମାନିତ ଅତିଥି ଓ ମୁଖ୍ୟବକ୍ତା ଭାବେ ଗାଳ୍ପିକ ଡ. ଅନିଲ କୁମାର ଦାସ, ଅବସର ପ୍ରାପ୍ତ ପ୍ରାଧ୍ୟାପକ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ଯୋଗଦେଇଥିଲେ । ପୁସ୍ତକ ସମୀକ୍ଷକ ଭାବେ ଅବସର ପ୍ରାପ୍ତ ପ୍ରାଧ୍ୟାପକ ଓଡ଼ିଆ ଧରଣୀଧର ବିଶ୍ୱବିଦ୍ୟାଳୟ କେନ୍ଦୁଝର ସୁଧାକର ଦାଶ, ଶିଶିର ଭୂଷଣ ରାୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଇସୁଆଁ ହାଇସ୍କୁଲ, ଶ୍ରୀମତୀ ପ୍ରଦୀପ୍ତା କୁମାରୀ ବ୍ରହ୍ମ ଅଧ୍ୟକ୍ଷା ସରକାରୀ ବାଳିକା ଉଚ୍ଚ ମାଧ୍ୟମିକବିଦ୍ୟାଳୟ ଗୋନାସିକା, ଇନ୍ଦୁମତୀ ପାତ୍ର ଅବସର ପ୍ରାପ୍ତ ଘୋଷିକା ଆକାଶବାଣୀ, କେନ୍ଦୁଝର ତଥା ସମ୍ପାଦକ ଲେଖିକା ସଂସଦ, କେନ୍ଦୁଝର, ଡମ୍ବରୁଧର ମହାନ୍ତ ସମ୍ପାଦକ ସଞ୍ଜିବନୀ ସାହିତ୍ୟ ସଂସଦ ଓ ଖଣ୍ଡାଧାର ନିଉଜ୍ ର ପରିଚାଳନା ସମ୍ପାଦକ, ଜୁଆଙ୍ଗ ଜନଜାତି ବର୍ଗର ପ୍ରଥମ ଗ୍ରାଜୁଏଟ୍ ଶ୍ରୀକାନ୍ତ ଜୁଆଙ୍ଗ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ତୀର୍ଥକ୍ଷନନ୍ଦ ସେଠୀ ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ଦେଇଥିଲେ । ଗବେଷକ ରତ୍ନାକର ମହାନ୍ତ ପୁସ୍ତକ ଲେଖକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଜୁଆଙ୍ଗ ଜନଜାତିର ଭାଷା ଓ ସଂସ୍କୃତିର ସୁରକ୍ଷା ସହ ଏହାର ପ୍ରସାର ଉପରେ ଆଲୋଚନା କରାଯାଇଥିଲା । ଜୁଆଙ୍ଗ ସମାଜର ପାରମ୍ପରିକ ଜୀବନଧାରା, ସଂସ୍କୃତି, ଐତିହ୍ୟ ଓ ସାମାଜିକ ଚିତ୍ରକୁ ଲିପିବଦ୍ଧ କରିବାରେ ‘ ଜୁଆଙ୍ଗ ଜୀବନ ଚରିତ ’ ପୁସ୍ତକ ଏକ ମହତ୍ୱପୂର୍ଣ୍ଣ ପ୍ରୟାସ ବୋଲି ମତ ପ୍ରକାଶ ପାଇଥିଲା ।

# ଆନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ



ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲାରେ ଆନ୍ତର୍ଜାତୀୟ ସାକ୍ଷରତା ଦିବସ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାଶ ସବୁଜ ପତାକା ଦେଖାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ବିଶାଳ ସଚେତନତା ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ପଦଯାତ୍ରାରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ପ୍ରଶାନ୍ତ କୁମାର ମହାନ୍ତିଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ପଦଯାତ୍ରା ପରେ ସ୍ଥାନୀୟ ପିଏମ୍ ଶ୍ରୀ ନେସନାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ପ୍ରଶାନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ସାକ୍ଷରତା ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଖରିଆର ରୋଡ଼ ବିଜ୍ଞାପିତ ଅଂଚଳ ପରିଷଦ (ଏନ୍ଏସି) ଅଧ୍ୟକ୍ଷା ଡ଼ଃ ସୋନିଆ ଜୈନ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ଜିଲ୍ଲା ପରିଷଦ ସଭ୍ୟ ଭାନୁ ପ୍ରତାପ ସିଂ ମାଝୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ରେଶମ ଲାଲ ନାଏକ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅନିତା ମୁଣ୍ଡ ଓ ଅମିଲାଲ ଶବର ପ୍ରମୁଖ ଅତିଥି ଭାବେ ମଂଚାସୀନ ଥିଲେ । ଏହି ଅବସରରେ ବକ୍ତାମାନେ ନୂଆପଡ଼ା ଜିଲ୍ଲାକୁ ଶତ ପ୍ରତିଶତ ସାକ୍ଷର ଜିଲ୍ଲା ଭାବେ ଗଢ଼ି ତୋଳିବା ପାଇଁ ସମସ୍ତଙ୍କର ସକ୍ରିୟ ଓ ସାମୂହିକ ସହଯୋଗ ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ । ସାକ୍ଷରତା କେବଳ ଅକ୍ଷରଜ୍ଞାନ ମଧ୍ୟରେ ସୀମିତ ନୁହେଁ; ଏହା ଜନସାଧାରଣଙ୍କୁ ସଶକ୍ତ, ସ୍ୱାବଲମ୍ବୀ ଓ ସଚେତନ କରିବାର ଏକ ପ୍ରମୁଖ ମାଧ୍ୟମ ବୋଲି ସେମାନେ ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମରେ ‘ଉଲ୍ଲାସ’ ଯୋଜନାର ଉଦ୍ଦେଶ୍ୟ ଓ ସନ୍ଦେଶ ଉପରେ ଶିକ୍ଷକ ଜୟଦେବ ବେହେରା ଓ ସାଥୀମାନଙ୍କ ଦ୍ୱାରା ଆକର୍ଷଣୀୟ ପାଲା ପରିବେଷଣ କରାଯାଇଥିଲା । ସେହିପରି ସାଲେଭଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାକ୍ଷରତାର ଗୁରୁତ୍ୱ ଓ ସଚେତନତା ବାର୍ତ୍ତା ନେଇ ଏକ କ୍ଷୁଦ୍ର ନାଟକ ପ୍ରଦର୍ଶନ କରିଥିଲେ । ଶିକ୍ଷକ ଜିତେନ୍ଦ୍ର ଖମାରୀ କାର୍ଯ୍ୟକ୍ରମର ମଂଚ ପରିଚାଳନା କରିଥିବାବେଳେ ଅମିଲାଲ ଶବର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମର ସଫଳ ରୂପାୟଣରେ ଜିଲ୍ଲାର ସମସ୍ତ ସାଧନକର୍ମୀ, ସଂଯୋଜକ ତଥା ଶିକ୍ଷକ-ଶିକ୍ଷୟିତ୍ରୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ ।

# ବଜ୍ରାଘାତରେ ଯୁବକ ମୃତ୍ୟୁ

ଜଳେଶ୍ୱର(ନିପ୍ର): ଜଳେଶ୍ୱର ରାଜପୁତ ପଂଚାୟତର ୬୦ନମ୍ବର ଜାତୀୟ ରାଜପଥ ତ୍ରିଲୋଚନ ଦାସ ପେଟ୍ରୋଲ ପମ୍ପ ନିକଟରେ ସୋମବାର ୨.୩୦ସମୟ ରେ ବଜ୍ରାଘାତ ରେ ଜଣେ ଦିନ ମଜୁରିଆର ମୃତ୍ୟୁ ଘଟିଛି । ମୃତକ ଦେବବ୍ରତ ସିଂ ଓ ସେ କଳମା ପଂଚାୟତର ଗୁଣ୍ଡୁରୀ ଷୋଳ ଗ୍ରାମର ହୋଇଥିବା ବେଳେ ସେ ୩ବର୍ଷ ପୂର୍ବେ ବିବାହ କରିଥିଲେ । ତାଙ୍କର କୌଣସି ସନ୍ତାନ ନାହିଁ । ତାଙ୍କ ବିଧବା ପତ୍ନୀ କୁ ସରକାରୀ ସାହାଯ୍ୟ ପାଇଁ ସରପଂଚ ପ୍ରତିନିଧି ବିଶ୍ୱ ସାରଥୀ ଦେ, କଂଗ୍ରେସ ନେତା ସୁଦର୍ଶନ ଦାସ, ହେମନ୍ତ ଗିରି, ସୁଦାମ ପାତ୍ର ପ୍ରମୁଖ ଦାବି କରିଛନ୍ତି । ଜି କେ ଭଟର ହସ୍ପିଟାଲ ରେ ଆସନ୍ତା କାଲି ସକାଳେ ଶବ ବ୍ୟବଚ୍ଛେଦ ହେବ ବୋଲି ଜଣାଯାଇଛି ।

# ଯାତ୍ରାପାର୍ଟି ଥର୍ ଓଲଟିଲା: ମାଲିକଙ୍କ ସମେତ ତିନି ଆହତ

ସୋର(ନିପ୍ର): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ରେଳ ଓଭରବ୍ରିଜ ନିକଟରେ ରାସ୍ତାରେ ପଡ଼ିଥିବା ବେଆଇନ ଜବତ ପଥରକୁ ଏକ ଥର ଗାଡି ଧକା ଦେବା ଫଳରେ ଯାତ୍ରା ପାର୍ଟି ମାଲିକଙ୍କ ସମେତ ୩ ଜଣ ଆହତ ହୋଇଛନ୍ତି । ସୂଚନା ଅନୁସାରେ ଯାତ୍ରା ପାର୍ଟି ରାଜନନ୍ଦିନୀର ମାଲିକ ଇଂ. ସ୍ମୃତି ରଞ୍ଜନ ପଲେଇ ଓ ତାଙ୍କର ଅନ୍ୟ ଦୁଇ ଜଣ ସାଥୀଙ୍କ ସହ ଏକ ଥର ଗାଡିରେ ବାଲେଶ୍ୱରରୁ ଭଦ୍ରକ ଫେରୁଥିବା ବେଳେ ଉକ୍ତ ସ୍ଥାନରେ ପୁଲିସ ଦ୍ୱାରା ଜବତ କରାଯାଇ ରଖାଯାଇଥିବା ବେଆଇନ ପଥର ରାସ୍ତା ଉପରେ ପଡିଥିବାରୁ ଗାଡିଟି ଉକ୍ତ ପଥରକୁ ଧକା ଦେଇଥିଲା । ଫଳରେ ଦୁର୍ଘଟଣା ଘଟି ଶ୍ରୀ ପଲେଇଙ୍କ ସମେତ ଅନ୍ୟ ଦୁଇ ସାଥୀ ଆହତ ହୋଇଥିଲେ । ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଂଚି ସମସ୍ତ ଆହତଙ୍କୁ ସୋର ମେଡ଼ିକାଲରେ ଭର୍ତି କରିଥିଲେ । ସେଠାରୁ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ପୁଲିସ ଗାଡିଟିକୁ ଜବତ କରି ସୋର ଥାନାରେ ରଖି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି ।

# ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସମୂହ ସଂଗଠନର ବାର୍ଷିକ ବୈଠକ



ଝାରସୁଗୁଡ଼ା(ନିପ୍ର): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ଝାରସୁଗୁଡ଼ା ଆନୁକୂଲ୍ୟରେ ଝାରସୁଗୁଡ଼ା ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସଂଗଠନର ବାର୍ଷିକ ସାଧାରଣ ବୈଠକ ତଥା ଶାରୀରିକ ଶିକ୍ଷା ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କ ପାଇଁ ୩ ଦିନିଆ ଆବାସିକ ଅଭିମୁଖୀକରଣ କାର୍ଯ୍ୟକ୍ରମ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ସଂଗଠନର ସମ୍ପାଦକ ସୁଶାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ଅନ୍ନପୂର୍ଣ୍ଣା ମଣ୍ଡପମ, ଏଚ. କଟାପାଲି ଠାରେ ଉଦ୍‌ଘାଟିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସମୂହ ସଂଗଠନର ସଭାପତି ଡ. ରାଧାକାନ୍ତ ଗର୍ତିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରବୀନ୍ଦ୍ର ମାଝୀ, ଝାରସୁଗୁଡ଼ା ଜିଲ୍ଲା କ୍ରୀଡ଼ା ଅଧିକାରୀ ଅମୃତ ଆଚାର୍ଯ୍ୟ, ଲଇକେରା ଗୋଷ୍ଠୀ ଶିକ୍ଷା ଅଧିକାରୀ ହିମାଂଶୁ ବାଗ, କୋଲାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ, ସ୍ଥାନୀୟ ରତ୍ନାକର ସରକାରୀ ଉଚ୍ଚ ବିଦ୍ୟାଳୟ, ଏଚ.କଟାପାଲିର ପ୍ରଧାନ ଶିକ୍ଷୟତ୍ରୀ ସଂଗୀତା ଭୋଇ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଜ୍ୱଳ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୧୦୦ ଜଣ ଶାରୀରିକ ଶିକ୍ଷା ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇଛନ୍ତି । ବାର୍ଷିକ ବୈଠକରେ ଜିଲ୍ଲାରେ ଗତ ଶିକ୍ଷାବର୍ଷରେ ଅନୁଷ୍ଠିତ କ୍ରୀଡ଼ା କାର୍ଯ୍ୟକଳାପର ସମୀକ୍ଷା ସହ ଆଗାମୀ ଶିକ୍ଷାବର୍ଷ ପାଇଁ କ୍ରୀଡ଼ା ଯୋଜନା ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଜୋନାଲ, ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ସୁଚାରୁ ଆୟୋଜନ, ଛାତ୍ରଛାତ୍ରୀଙ୍କ କ୍ରୀଡ଼ା ପ୍ରତିଭା ଚିହ୍ନଟ, କ୍ରୀଡ଼ା ଉପକରଣ ଯୋଗାଣ ଓ ପ୍ରଶିକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ୩ ଦିନିଆ ଅଭିମୁଖୀକରଣ କାର୍ଯ୍ୟକ୍ରମରେ ହକି, ହ୍ୟାଣ୍ଡବଲ, କ୍ରିକେଟ, ବ୍ୟାଡମିଂଟନ, କରାଟେ, ନେଟବଲ, ତାଇକୋଣ୍ଡୋ, ଭାରୋତୋଳନ, ଧନୁର୍ବିଦ୍ୟା, ଯୋଗ, ଖୋ-ଖୋ, କବାଡ଼ି ଓ ଫୁଟବଲ ଆଦି ବିଭିନ୍ନ କ୍ରୀଡ଼ାର ନିୟମ, ମୌଳିକ କୌଶଳ ଓ ଆଧୁନିକ ପ୍ରଶିକ୍ଷଣ ପଦ୍ଧତି ଉପରେ ତାତ୍ତ୍ୱିକ ଓ ପ୍ରାୟୋଗିକ ଅଧିବେଶନ ମାଧ୍ୟମରେ ପ୍ରଶିକ୍ଷଣ ଦିଆଯିବ । ପ୍ରଥମ ଦିବସରେ ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ପ୍ରଶିକ୍ଷକ ସତ୍ୟରଞ୍ଜନ ପଣ୍ଡା ପ୍ରଶିକ୍ଷଣ ଦେଇଥିବା ବେଳେ ରାଜ୍ୟ ନେଟ ବଲ ସଂଘର ଆନ୍ତରାଜ୍ୟ ଅମ୍ପାୟାର ରଞ୍ଜିତ ଦାସ ପ୍ରଶିକ୍ଷଣ ଦେଇଥିଲେ କ୍ଷଏଥିସହିତ ଫିଟନେସ୍, ଯୋଗ, କ୍ରୀଡ଼ାଜନିତ ଆଘାତର ପ୍ରାଥମିକ ଚିକିତ୍ସା ଏବଂ କ୍ରୀଡ଼ା ପ୍ରତିଭା ଚିହ୍ନଟ ସମ୍ପର୍କରେ ମଧ୍ୟ ଶାରୀରିକ ଶିକ୍ଷା ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବ । କାର୍ଯ୍ୟକ୍ରମରେ ଅତିଥିମାନେ ବିଦ୍ୟାଳୟସ୍ତରରେ କ୍ରୀଡ଼ାର ବିକାଶ ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶରେ ଶାରୀରିକ ଶିକ୍ଷାର ଗୁରୁତ୍ୱ ଉପରେ ମତବ୍ୟକ୍ତ କରିଥିଲେ । କ୍ରୀଡ଼ା ପ୍ରତିଭାକୁ ଉତ୍ସାହିତ କରି ଝାରସୁଗୁଡ଼ା ଜିଲ୍ଲାରୁ ଅଧିକ ସଂଖ୍ୟକ ଖେଳାଳିଙ୍କୁ ରାଜ୍ୟ ଓ ଜାତୀୟସ୍ତରକୁ ପଠାଇବା ନିମନ୍ତେ ସମସ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଆହ୍ୱାନ ଦିଆଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ବରିଷ୍ଠ ଶାରୀରିକ ଶିକ୍ଷା ଶିକ୍ଷକ ରବି ନାରାୟଣ ପୂଜାରୀ ଉପସ୍ଥିତ ଅତିଥି ଓ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।





# ଭୋଟର ତାଲିକାରେ ଜାଲିଆତି ନେଇ ମୋ ଭୋଟ ମୋ ଅଧିକାର ନାରା ରେ ବିଜେଡିର ବିଶାଳ ଶୋଭାଯାତ୍ରା




ଝାରସୁଗୁଡ଼ା,(ନି.ପ୍ର.) ଝାରସୁଗୁଡ଼ା ସହରରେ ନିର୍ବାଚନୀ ଭୋଟର ତାଲିକାରୁ ବୈଧ ଭୋଟରଙ୍କ ନାମ ଗାଏବ କରିବା ଏବଂ ଜାଲିଆତି ଅଭିଯୋଗକୁ ନେଇ ବିଜୁ ଜନତା ଦଳ ପକ୍ଷରୁ ମଙ୍ଗଳବାର ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି । ମୋ ଭୋଟ ମୋ ଅଧିକାର ନାରା ଦେଇ ହଜାର ହଜାର ବିଜେଡି କର୍ମୀ ଓ କର୍ମକର୍ତ୍ତା ପୂର୍ବତନ ବିଧାୟିକା ଦୀପାଳୀ ଦାସଙ୍କ ନେତୃତ୍ୱରେ ଝାରସୁଗୁଡ଼ାର ପୁରୁଣା ବସ୍ ଷ୍ଟାଣ୍ଡରୁ ବାହାରି ଝାରସୁଗୁଡ଼ା ଥାନା ପର୍ଯ୍ୟନ୍ତ ଏହି ଶୋଭାଯାତ୍ରା ରେ ସାମିଲ ଥିଲେ ।ଏହା ସହିତ ପରେ ବିଜେଡି ତରଫରୁ ଝାରସୁଗୁଡ଼ା ଏସପି ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ଯାହାକି ଏସଡିପିଓ ଉମାଶଙ୍କର ସିଂଙ୍କୁ ଭେଟି ପ୍ରଦାନ କରାଯାଇଛି ।ଦାବିପତ୍ର ରେ ଉଲ୍ଲେଖ କରାଯାଇଛି ଯେ, ଚାଲିଥିବା ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟାରେ ଏକ ନିର୍ଦ୍ଦିଷ୍ଟ ଦଳର କର୍ମୀମାନେ ଜାଲ କାଗଜପତ୍ର, ମିଥ୍ୟା ଅଭିଯୋଗ ଏବଂ ଭୁଲ ସୂଚନା ଦେଇ ବୈଧ ଏବଂ ଜୀବିତ ଭୋଟରଙ୍କ ନାମ ତାଲିକାରୁ ହଟାଇବାକୁ ଅପଚେଷ୍ଟା କରୁଛନ୍ତି । ଜଣେ ବ୍ୟକ୍ତି ଗୋଟିଏ ଦିନରେ ସର୍ବାଧିକ ୧୦ଟି ଆପତି ଦାଖଲ କରିବା ନିୟମ ଥିବା ସତ୍ତ୍ୱେ ଅନେକ ସ୍ଥାନରେ ଏହାର ଉଲ୍ଲଂଘନ କରାଯାଇଛି । ଏହାସହ କୋଲାବିରା, ବଡ଼ମାଲ ଓ ଅନ୍ୟାନ୍ୟ ଥାନାରେ ଏହି ବେଆଇନ କାର୍ଯ୍ୟ ବିରୋଧରେ ଏଫଆଇଆର ଦେବାକୁ ଗଲେ ପୋଲିସ ମାମଲା ରୁଜୁ କରିବାରେ ଆପତି କରୁଥିବା ଅଭିଯୋଗ ହୋଇଛି ।ପ୍ରଜା ପ୍ରତିନିଧି ଆଇନ ୧୯୫୦ର ଧାରା ୩୧ ଅନୁଯାୟୀ ଏଭଳି ମିଥ୍ୟା ଆବେଦନକାରୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି ।ମୋ ଭୋଟ ମୋ ଅଧିକାର, କାହାର ଚାପ ରେ ଗଣତାନ୍ତ୍ରିକ ଅଧିକାର କୁ ହତ୍ୟା କରାଯାଉଛି ବୋଲି ରାଲି ରେ ନାରା ଦିଆଯାଇଥିବା ବେଳେ ଏହି ରାଲି କୁ ସହର ରେ ପୂର୍ଣ ଭାବ ରେ ସମର୍ଥନ କରାଯାଇଛି ।?ଏହି ବିଶାଳ ପ୍ରତିବାଦ ରାଲି ଏବଂ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ଦୀପାଳୀ ଦାସଙ୍କ ସମେତ ଦଳର ବରିଷ୍ଠ ନେତା ଓ କର୍ମକର୍ତ୍ତା ହରୀଶ ଗଣତ୍ରା, ପିଣ୍ଟୁ ପାଢ଼ୀ, ଅଶୋକ ଦାସ, ଆଲୋକ ତ୍ରିପାଠୀ,ରୁବିନ ପାଣ୍ଡେ,ପବନ ସିଂହ ଯାଦବ, ପବନ ଶର୍ମା, ନବନୀତ କୌର, ବି. ନାଗେଶ୍ୱରୀ, ଦୀପା ନାୟକ, ରୁବିନା ଖାନଙ୍କ ସମେତ ବହୁ ସଂଖ୍ୟାରେ ମହିଳା ଓ ଯୁବ କର୍ମୀ ଉପସ୍ଥିତ ଥିଲେ ।ନାଗରିକଙ୍କ ଗଣତାନ୍ତ୍ରିକ ଓ ଭୋଟଦାନ ଅଧିକାର ସୁରକ୍ଷିତ ନରହିଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ପୂର୍ବତନ ବିଧାୟିକା ଦୀପାଳୀ ଦାସ ଙ୍କ ସହିତ ନେତାମାନେ ଚେତାବନୀ ଦେଇଛନ୍ତି ।

# ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ OSHEC ତରଫରୁ EBSCO ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ



ନୂଆପଡ଼ା, (ନି.ପ୍ର): ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଓଡ଼ିଶା ରାଜ୍ୟ ଉଚ୍ଚତର ଶିକ୍ଷା ପରିଷଦ ତରଫରୁ ଇ-ସମ୍ପଦ 'ଇବସ୍କୋ' ସମ୍ପର୍କରେ ଏକ ସଚେତନତା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏହି ସଭା ଆୟୋଜିତ ହୋଇଥିଲା ।

ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ ସ୍ୱାୟତ୍ତଶାସିତ ସଂସ୍ଥା ଓଏସଏଚଇସି, ଡିଜିଟାଲ ବ୍ୟବସ୍ଥା ମାଧ୍ୟମରେ ଉଚ୍ଚତର ଗବେଷଣା, ତଥ୍ୟ ଆହରଣ ଏବଂ ଇ-ଲାଇବ୍ରେରୀ ଦ୍ୱାରା ପାଠ୍ୟପୁସ୍ତକ ଅଧ୍ୟୟନର ସୁବିଧା ଯୋଗାଇ ଦେଉଛି । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରରୁ ଆସିଥିବା ସମ୍ପଦ ବ୍ୟକ୍ତି ଶ୍ରୀ ରାଜ କୁମାର ମହାପାତ୍ର ଯୋଗଦେଇ ଇଭସ୍କୋ ପୋର୍ଟାଲର ବ୍ୟବହାର ଓ ଏହାର ବିଭିନ୍ନ ଉପାଦେୟତା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ । ଏହି ଡିଜିଟାଲ ବ୍ୟବସ୍ଥା ଦ୍ୱାରା ଗବେଷକ, ଅଧ୍ୟାପକ-ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ନିଜ ନିଜର ଅଧ୍ୟୟନ ଓ ଗବେଷଣା କାର୍ଯ୍ୟରେ ବିଶେଷ ଉପକୃତ ହୋଇପାରିବେ ।

ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଯୋଗଦେଇ ପୋର୍ଟାଲ ବିଷୟରେ ଜ୍ଞାନ ଆହରଣ କରିଥିବା ବେଳେ ଶତାଧିକ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ଗ୍ରହଣ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ବିଷୟଭିତ୍ତିକ ଜ୍ଞାନ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମ ଶେଷରେ ଅଧ୍ୟକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ପଣ୍ଡା ତାଲିମଦାତା ଶ୍ରୀ ମହାପାତ୍ରଙ୍କ ସମେତ ଉପସ୍ଥିତ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଶା ସୋସାଇଟି ୟୁକେର ୪୭ତମ ବାର୍ଷିକ ଉତ୍ସବ ପାଳନ



ଲଣ୍ଡନ: ଓଡ଼ିଶା ସୋସାଇଟି ଅଫ୍ ୟୁନାଇଟେଡ କିଙ୍ଗଡମ (ଓୟୁକ) ର ୪୭ତମ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳନ କରାଯାଇଥିବା ଜଣାଯାଇଛି । ଏହି ଉପଲକ୍ଷେ ଉତ୍ସବସ୍ଥଳ ମାଞ୍ଚେଷ୍ଟରର ଡିଡ୍ସବରୀ ଅନ୍ତର୍ଗତ ସୁନ୍ଦର, ସୁରମ୍ୟ, ସବୁଜିମା ଘେରା ପାର୍ସ ଉଡ୍ ସ୍କୁଲ ପରିସରକୁ ଖୁବ ଭବ୍ୟ ଢଙ୍ଗରେ ସଜାଯାଇଥିବା ଦେଖା ଯାଇଥିଲା । ଡକ୍ଟର ସାଧନା ଭଟନାଗର ଙ୍କର ତତ୍ତ୍ୱାବଧାନରେ ଗୁରଶବଦ କୌର ଓ ପରବ୍ରହ୍ମ ସିଂହ ଏହି ସାଜସଜ୍ଜା ସମ୍ପନ୍ନ କରିଥିଲେ । ଇଂଲଣ୍ଡ , ଆୟରଲ୍ୟାଣ୍ଡ ଓ ବିଦେଶରୁ ଆସିଥିବା ଓସୁକର ପ୍ରାୟ ଏକ ହଜାର ସଦସ୍ୟ, ପଦାଧିକାରୀ ଓ ଶୁଭେଚ୍ଛୁ ତଥା ସେମାନଙ୍କର ପରିବାର ବର୍ଗ ଏହି ଦୁଇ ଦିନିଆ ମହୋତ୍ସବରେ ଅଂଶଗ୍ରହଣ କରିଥିଲେ । ଶିଖ୍ ସମ୍ପ୍ରଦାୟର ଅନେକ ବିଶିଷ୍ଟ ବ୍ୟକ୍ତି ମଧ୍ୟ ଉପସ୍ଥିତ ଥିଲେ ।ଏହି ମହା ଅଧିବେଶନର ମୁଖ୍ୟ ଆୟୋଜକ ମାଂଚେଷ୍ଟର ଠାରେ ଅବସ୍ଥାପିତ ଖ୍ୟାତନାମା ଚିକିତ୍ସକ ତଥା ଭଜନ ଗାୟକ ଦମ୍ପତି ଡକ୍ଟର ରାଜିନ୍ଦର ପାଲ ସିଂହ ଓ ଡକ୍ଟର କପିଳମୀତ କୌର ଥିଲେ । ଡକ୍ଟର ଅଞ୍ଜନା ଶତପଥୀଙ୍କ ଦ୍ୱାରା ନିର୍ମିତ ଏକ ସୁଶୋଭିତ ରଥ ଉପରେ ବିରାଜମାନ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପରମ୍ପରାଗତ ଦୀପ ପ୍ରଜ୍ଜ୍ୱଳନ ସହିତ ସମ୍ମିଳନୀର ଶୁଭାରମ୍ଭ ହୋଇଥିଲା । ଉଦ୍ଘାଟନୀ ସଂଗୀତ ଭାବରେ ମୌସୁମୀ ମିଶ୍ର ଓ ତାଙ୍କ ସାଥି ମାନଙ୍କ ଦ୍ୱାରା "ଦୀନବନ୍ଧୁ ଦୈତାରୀ" ଗାୟନ କରାଯାଇଥିଲା । ଓସୁକର ସଭାପତି ବିଶ୍ୱଜୀତ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରି ୟୁକେର ପ୍ରବାସୀ ଓଡ଼ିଆ ମାନଙ୍କ ଦ୍ୱାରା ଓସୁକର କାର୍ଯ୍ୟକ୍ରମ ଗୁଡ଼ିକ ପ୍ରତି ପ୍ରଦତ୍ତ ବିପୁଳ ସମର୍ଥନ ଓ ବ୍ୟାପକ ସହଯୋଗ ଭୂୟସୀ ପ୍ରଶଂସା କରିଥିଲେ । ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମ୍ୟାଂଚେଷ୍ଟରସ୍ଥିତ ଭାରତର କନସୁଲ ଜେନେରାଲ ବିଶାଖା ଯଦୁବଂଶ ଏହି ଅନନ୍ୟ କାର୍ଯ୍ୟକ୍ରମର ସମୃଦ୍ଧ ଓ ସମାବେଶୀ ଭାବନାକୁ ପସନ୍ଦ କରିଥିଲେ । ସମ୍ମାନିତ ଅତିଥି ବ୍ରିଟିଶ ଆସୋସିଏସନ ଅଫ ଫିଜିସିଆନ୍ସ ଅଫ ଇଣ୍ଡିଆନ ଅରିଜିନର ପୂର୍ବତନ ସଭାପତି ପ୍ରଫେସର ଜାସ ବମରା ଗିଦ୍ଧା ପ୍ରଦର୍ଶନକୁ ସର୍ବୋତ୍ତମ ବୋଲି କହିଥିଲେ । ପତ୍ରିକା ସମ୍ପାଦକ ଡକ୍ଟର ରାଜିନ୍ଦର ପାଲ ସିଂହଙ୍କ ଦ୍ୱାରା ପରିକଳ୍ପିତ ଓ ସମ୍ପାଦିତ "କଳିଙ୍ଗ କେଶରୀ" ନାମକ ସ୍ମରଣିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।

# ସୁବର୍ଣ୍ଣରେଖା ନଦୀ, ଜାଲରେ ପଡିଲା ଅଜଗର

ଜଳେଶ୍ୱର(ନି.ପ୍ର ) ସୁବର୍ଣ୍ଣରେଖା ନଦୀ ରେ ବନ୍ୟା ପରେ ପାଣି ଛାଡିବାରୁ ଲୋକେ ମାଛ ଧରିବା ଲାଗି ଜାଲ ବସାଉଛନ୍ତି ।ଜଳେଶ୍ୱର ବ୍ଲକ ମାକଡିଆ ପଂଚାୟତ,ଓଲମାରା ଗାଁର ବ୍ରହ୍ମପୁର ବସ୍ତିର ଶେକ୍ କଫିରୁଦ୍ଦିନ୍ ଙ୍କ ଜାଲରେ ମଙ୍ଗଳବାର ଏକ ଅଜଗର ପଡ଼ିଥିବା ଦେଖି ହତବାକ୍ ହୋଇଥିଲେ । ସୂଚନା ପାଇ ରାଇବଣିଆ ବନରକ୍ଷୀ କବିତା ମହାକୁଡ ସଦଳବଳେ ଘଟଣା ସ୍ଥଳରେ ପହଂଚି ଅଜଗର ସାପକୁ ଜାଲରୁ ଉଦ୍ଧାର କରିଥିଲେ । ଶହଶହ ଲୋକେ ସାପ ଦେଖିବାକୁ ରୁଣ୍ଡ ହୋଇଥିବା ବେଳେ ନିକଟସ୍ଥ ପଶୁ ଚିକିତ୍ସା କେନ୍ଦ୍ରକୁ ନେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।ଅଜଗର ର ଓଜନ ୧୫ କିଲୋ ଗ୍ରାମ ଥିବା ବେଳେ ୩ମିଟର ଲମ୍ବା ବୋଲି ଜଣା ଯାଇଛି ।ପରେ ନିକଟସ୍ଥ ଲୁହାପଡା ଜଙ୍ଗଲରେ ସାପଟିକୁ ଛାଡିଥିବା ବନ ବିଭାଗ ପକ୍ଷରୁ କହୁ ଯାଇଛି ।

# ରେଳ ଓଭରବ୍ରିଜ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ

ଜଳେଶ୍ୱର,(ନି.ପ୍ର)ଜଳେଶ୍ୱର-ପଶ୍ଚିମବାଡ ରାସ୍ତାର ରେଳ ଫାଟକ ନଂ- ୪୬ ନିକଟରେ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ପାଇଁ ବରିଷ୍ଠ ନାଗରିକ ମଂଚର ସଭାପତି ଡଃ ରମାକାନ୍ତ ଭଞ୍ଜଙ୍କ ନେତୃତ୍ୱରେ ଆଜି ଏକ ପ୍ରତିନିଧିଦଳ ରେଳ ମଣ୍ଡଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ, ଖଡଗପୁର ଯାଇ ବରିଷ୍ଠ ପଦାଧିକାରୀଙ୍କ ସହ ଆଲୋଚନା କରିଥିଲେ ।ଖଡଗପୁର ରେଳ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ ଇଂ ବିଶ୍ୱଜିତ ଘୋଷ ରେଳ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବାର ସୂଚନା ପ୍ରଦାନ କରିବାସହ ସର୍ଭେ କାର୍ଯ୍ୟ ନଭେମ୍ବର ମାସ ହେବ ବୋଲି ମଂଚର କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି । ରେଳ ଓଭରବ୍ରିଜ ନିର୍ମାଣ ପାଇଁ ବରିଷ୍ଠ ନାଗରିକ ମଂଚର ଯୁକ୍ତିଯୁକ୍ତ ଦାବିକୁ ଗ୍ରହଣ କରି ଭାରତ ସରକାରଙ୍କ ରେଳ ମନ୍ତ୍ରଣାଳୟର ରେଳବୋର୍ଡ ଚିଠି ନଂ୨୦୨୫ ତା୦୭ ।୦୧ ।୨୦୨୬ରିଖ ଓ ଦକ୍ଷିଣପୂର୍ବ ରେଳପଥ ଜେନେରାଲ ମ୍ୟାନେଜର, କଲିକତା ଅଫିସର ମୁଖ୍ୟଯନ୍ତ୍ରୀଙ୍କ ୨୭/୩ ରିଖରେ ବରିଷ୍ଠ ନାଗରିକ ମଂଚକୁ ଚିଠି ପ୍ରଦାନ କରିଥିଲେ । ଫାଟକ ଦେଇ ଯାତାୟତ କରୁଥିବା ଜଳେଶ୍ୱର ବ୍ଲକର ୧୧ଟି ପଂଚାୟତ,ଜଳେଶ୍ୱର ମ୍ୟୁନିସିପାଲଟିର ୨ଟି ୱାର୍ଡ, ସହ ଜଳେଶ୍ୱରକୁ ଭୋଗରାଇ, ବାଲିଆପାଳ ବ୍ଲକ ସହ ଯୋଡି ଏହି ରାସ୍ତାରେ ଦୈନିକ ଯାତାୟତ କରୁଥିବା ଲକ୍ଷାଧିକ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉ ଅଛନ୍ତି । ଏଣୁ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ପାଇଁ ବରିଷ୍ଠ ନାଗରିକ ମଂଚର ଏହି ପ୍ରତିନିଧିଦଳରେ ମଂଚର ସମ୍ପାଦକ ଡକ୍ଟର ଲଳିତ ରଞ୍ଜନ ସେନାପତି, ବରିଷ୍ଠ ସଦସ୍ୟ ତଥା ଶିକ୍ଷାବିତ୍ ଶ୍ୟାମାଚରଣଦାସ ଓ ଉପଦେଷ୍ଟା ଶିକ୍ଷାବିତ ଖଗେନ୍ଦ୍ର ନାଥ ସାହୁ ପ୍ରମୁଖ ଉକ୍ତ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ପାଂଚ ବର୍ଷେ ପରେ ଡାକ୍ତରଖାନାରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତରଙ୍କ ଯୋଗଦାନ



ନୟାଗଡ(ନି.ପ୍ର.): ଆଜକୁ ପ୍ରାୟ ୫ ବର୍ଷ ଧରି ନୟାଗଡ଼ ଜିଲ୍ଲାର ସର୍ବପୁରାତନ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ନଥିବାରୁ ମହିଳା ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ସୁରେନ୍ଦ୍ର କୁମାର ଷଡ଼ଙ୍ଗୀଙ୍କ ବିୟୋଗ ପରେ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ତ୍ରୀ ଓ ପ୍ରସୂତି ବିଭାଗର ଡ଼ାକ୍ତର କେହି ବି ଯୋଗଦାନ କରି ନ ଥିଲେ । ଗତକାଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଙ୍କ ନିର୍ଦ୍ଦେଶରେ ଡାକ୍ତର ପୁଣ୍ୟବ୍ରତ ମହାପାତ୍ର ଉକ୍ତ ବିଭାଗରେ ଯୋଗ ଦେଇଛନ୍ତି । ସେ ଯୋଗଦେବା ପରେ ଡାକ୍ତରଖାନାରେ ସମସ୍ତ କାର୍ଯ୍ୟରତ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।ସେ ଯୋଗଦେବା ପରେ ଏହି ଅଂଚଳର ମହିଳାମାନେ ବିଶେଷ ଉପକୃତ ହେବେ ବୋଲି ଜଣାପଡିଛି ।

# ପାଣିରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ



ସିମୁଳିଆ,(ନି.ପ୍ର)-ଚନ୍ଦ୍ରପଡା ଗ୍ରାମର ଜୈନିକ ବ୍ୟକ୍ତି ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ମୃତ୍ୟୁ ବରଣ କରିଥିବା ଜଣାଯାଇଛି କ୍ଷ ସୂଚନାରୁ ପ୍ରକାଶ ସିମୁଳିଆ ଥାନା ଅନ୍ତର୍ଗତ ଈଶ୍ୱରପୁର ପଂଚାୟତର ଚନ୍ଦ୍ରପଡା ଗ୍ରାମର ସୁଦର୍ଶନ ନାୟକ (୫୨)ବର୍ଷ ଦ୍ୱିପ୍ରହର ସମୟରେ ବିଲ କାମ ସାରି ଘର ନିକଟରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇଥିଲେ କ୍ଷ ସୁଦର୍ଶନ ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିବା ପରେ ଶେଷରେ ପୋଖରୀରୁ ଉଦ୍ଧାର କରି ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଭର୍ତି କରିଥିଲେ କ୍ଷ ସେଠାରେ କାର୍ଯ୍ୟରତ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ ।

# ଏସଆଇଆର ରୋଲ ପର୍ଯ୍ୟବେକ୍ଷକଙ୍କ ପୁରୀ ଜିଲ୍ଲା ଗସ୍ତ

ପୁରୀ, (ହି.ସ.)- ପୁରୀ ଜିଲ୍ଲା ଏସ ଆଇ ଆର କାର୍ଯ୍ୟ ପାଇଁ ନିଯୁକ୍ତ ରୋଲ ପର୍ଯ୍ୟବେକ୍ଷକ ତଥା ଏମ ଏସ ଏମ ଇ ବିଭାଗର କମିଶନର-କମ୍-ସଚିବ ଶ୍ରୀମତୀ ରଶ୍ମିତା ପଣ୍ଡା ଆଜି ଦ୍ୱିତୀୟ ଥର ପାଇଁ ପୁରୀ ଜିଲ୍ଲା ଗସ୍ତ କରିଥିଲେ । ସେ ୧୧୦-ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀ ପରିଦର୍ଶନ କରି ଏସ ଆଇ ଆର କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ସହ ସର୍ବାଧିକ ଯୋଗ ଓ ବିୟୋଗ ରିପୋର୍ଟ କରିଥିବା ବୁଥଗୁଡ଼ିକର ସୁପର-ଚେକିଂ କରିଥିଲେ । ପୁରୀ ଜିଲ୍ଲାରେ ଏସ ଆଇ ଆର କାର୍ଯ୍ୟର ସାମଗ୍ରିକ ଅଗ୍ରଗତି ନେଇ ସେ ସନ୍ତୋଷ ପ୍ରକାଶ କରିଥିଲେ ।


ଏହି ଗସ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧବ ମାଝୀ, ବିଡ଼ିଓ ସରୋଜ କୁମାର ରାଉତ ପ୍ରମୁଖଙ୍କ ସହ ବିଏଲଓ, ବିଏଲଓ ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜେନ୍ଦ୍ର ପ୍ରସାଦ ଢୋଲକିଆଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ



ନୂଆପଡ଼ା,(ନି.ପ୍ର): ଓଡ଼ିଶା ସରକାରଙ୍କ ପୂର୍ବତନ ମନ୍ତ୍ରୀ ତଥା ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ଦିବଙ୍ଗତ ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ (ରାଜୁ ଭାଇ)ଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଅଂଚଳବ୍ୟାପୀ ବିଭିନ୍ନ ଶ୍ରଦ୍ଧାଞ୍ଜଳି ସଭା ଓ ସେବାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନୂଆପଡ଼ା ଜିଲ୍ଲା ଖରୀଆର ରୋଡ୍ ନିବାସୀ ସ୍ୱର୍ଗତ ଢୋଲକିଆ ମାତ୍ର ୧୦ ବର୍ଷ ବୟସରୁ ଲୋକଙ୍କୁ ପାନୀୟ ଜଳ ବ[ନ କରି ନିଜର ସେବା ପ୍ରବୃତି ଆରମ୍ଭ କରିଥିଲେ । ପରବର୍ତୀ ସମୟରେ ଓଡ଼ିଶା ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରି ସେ ସେବାର ସର୍ବୋଚ୍ଚ ଶିଖରରେ ପହଂଚିବା ସହ 'ସେବା ହିଁ ଜୀବନର ଲକ୍ଷ୍ୟ'କୁ ନିଜର ବ୍ରତ କରିଥିଲେ । ଜଣେ ଭଦ୍ର, ଅମାୟିକ, ସରଳ, ସ୍ପଷ୍ଟବାଦୀ ଏବଂ ବିକାଶପ୍ରିୟ ନେତା ଭାବେ ସେ ସବୁ ବର୍ଗ, ଜାତି ଓ ଧର୍ମର ଲୋକଙ୍କ ନିକଟତର ହୋଇପାରିଥିଲେ । ତାଙ୍କ ଦ୍ୱାରରୁ କେହି କେବେ ଖାଲି ହାତରେ ଫେରି ନଥିବା ନେଇ ସ୍ଥାନୀୟ ନାଗରିକମାନେ ଅଶ୍ରୁଳ ନୟନରେ ସ୍ମୃତିଚାରଣ କରିଛନ୍ତି ।ଏହି ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଜିଲ୍ଲାର କୋଣ-ଅନୁକୋଣରୁ ଶତାଧିକ ନାଗରିକ, ଶୁଭେଚ୍ଛୁ ଓ ସହଯୋଗୀ ଯୋଗଦେଇ ତାଙ୍କ ଆଲେଖ୍ୟ ପୋଷ୍ଟରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ତାଙ୍କ ପୁତ୍ର ତଥା ନୂଆପଡ଼ା ବିଧାୟକ ଜୟ ଢୋଲକିଆ ପିତାଙ୍କ ସ୍ମୃତି ଓ ଅନୁଭୂତିକୁ ସାଉଁଟି, ତାଙ୍କ ଦର୍ଶାକ୍ତଙ୍କରଷ୍ପ୍ପ ନୀତି ଓ ପଥ ଅନୁସରଣ କରି ସମାଜସେବାରେ ବ୍ରତୀ ହେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

# ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟରେ ପୁଣି ବାଘ ଆତଙ୍କ: ବାଛୁରୀକୁ ମାରିଖାଇଲା କଲରାପତରିଆ



ନୂଆପଡ଼ା,(ନି.ପ୍ର.): ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟ ଅଂଚଳରେ ପୁଣିଥରେ ବାଘ ଆତଙ୍କ ଦେଖାଦେଇଛି । ସୁନାବେଡ଼ା ଅଭୟାରଣ୍ୟ ଅଧୀନସ୍ଥ ସୋସେଙ୍ଗ ସେକ୍ସନ୍ ଦେଓସିଲ୍ ଗାଁରେ ଗତକାଲି ରାତିରେ ଏକ କଲରାପତରିଆ ବାଘ ଗାଁ ଭିତରକୁ ପଶି ଏକ ବାଛୁରୀକୁ ମାରି ଖାଇଥିବା ଅଭିଯୋଗ ହୋଇଛି । ଏହି ଘଟଣା ପରେ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଭୟ ଓ ଆଶଙ୍କାର ପରିବେଶ ସୃଷ୍ଟି ହୋଇଛି ।ମିଳିଥିବା ସୂଚନା ମୁତାବକ, ଗତକାଲି ରାତିରେ ଦେଓସିଲ୍ ଗାଁର ବ୍ୟାସଦେବ ମାଝୀଙ୍କ ବାଛୁରୀ ଗାଁ ଦାଣ୍ଡରେ ବନ୍ଧା ହୋଇଥିଲା । ଆଜି ସକାଳେ ବାଛୁରୀର କ୍ଷତବିକ୍ଷତ ମୃତଦେହ ଦେଖି ଗ୍ରାମବାସୀମାନେ ସୁନାବେଡ଼ା ଅଭୟାରଣ୍ୟ ବନ ବିଭାଗକୁ ତୁରନ୍ତ ଖବର ଦେଇଥିଲେ । ସୂଚନା ପାଇ ବନ ବିଭାଗର ଏକ ବିଶେଷ ଟିମ୍ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିଲେ । ଅନୁସନ୍ଧାନ ପରେ ଏହି ବାଛୁରୀକୁ ଏକ କଲରାପତରିଆ ବାଘ ହିଁ ଶିକାର କରିଥିବା ବନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି । ବାଘର ଗତିବିଧି ଉପରେ ନଜର ରଖିବା ପାଇଁ ଗାଁ ନିକଟସ୍ଥ ଜଙ୍ଗଲରେ ବନ ବିଭାଗ ପକ୍ଷରୁ ସ୍ପେଶାଲ କ୍ୟାମେରା ଖଞ୍ଜାଯାଇଛି । ଏହା ସହିତ ନିକଟସ୍ଥ ଗାଁଗୁଡ଼ିକରେ ବନ ବିଭାଗ ପକ୍ଷରୁ ସଚେତନତା ସୃଷ୍ଟି କରାଯାଉଛି । ସୁରକ୍ଷା ଦୃଷ୍ଟିରୁ ସନ୍ଧ୍ୟା ପରେ ନିକଟସ୍ଥ ଜଙ୍ଗଲକୁ ନ ଯିବା ଏବଂ ଅନାବଶ୍ୟକ ଭାବେ ଘରୁ ବାହାରକୁ ନ ବାହାରିବା ପାଇଁ ଗ୍ରାମବାସୀଙ୍କୁ ବନ ବିଭାଗ ପରାମର୍ଶ ଦେଇଛି ।

# ଅଙ୍ଗନୱାଡ଼ି କେନ୍ଦ୍ର ପାଇଖାନାରୁ ୧୬ ବସ୍ତା ଦେଶୀ ମଦ ଜବତ, ଜଣେ ଗିରଫ



ଧାମନଗର(ନି.ପ୍ର.): ଅଙ୍ଗନୱାଡ଼ି କେନ୍ଦ୍ର ପରିସରରେ ଥିବା ଭଙ୍ଗା ପାଇଖାନା ପାଲଟିଥିଲା ଚୋରା ଦେଶୀ ମଦର ଗୋଦାମ । ଏଠାରେ ବିପୁଳ ପରିମାଣର ଦେଶୀ ମଦ ମହଜୁଦ ଥିବା ଖବର ପାଇ ଭଦ୍ରକ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ସକାଳେ ଅଚାନକ ଚଢ଼ାଉ କରିଥିଲେ । ଚଢ଼ାଉ ବେଳେ ଉକ୍ତ ଭଙ୍ଗା ପାଇଖାନା ଘରୁ ୧୬ ବସ୍ତା ଦେଶୀ ମଦ ଜବତ ହୋଇଥିବା ବେଳେ ଚୋରା ମଦ କାରବାର ଅଭିଯୋଗରେ ପପୁ ମୁଦୁଲି ନାମକ ଜଣେ ବ୍ୟକ୍ତିଙ୍କୁ ଅବକାରୀ ବିଭାଗ ଗିରଫ କରିଛି । ଜବତ ମଦର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାପଡ଼ିଛି । ସୂଚନାନୁଯାୟୀ, ଧାମନଗର ବ୍ଲକ ଧୁଷୁରୀ ଥାନା ଅନ୍ତର୍ଗତ କଟସାହି ପଂଚାୟତର ମୁଦୁଲିସାହି ଅଙ୍ଗନୱାଡ଼ି କେନ୍ଦ୍ର ପରିସରରେ ଏକ ପୁରୁଣା ପାଇଖାନା ଘରୁ ଏହି ମଦ ବାହାର କରାଯାଇ ଥିଲା । ତେବେ ଭଦ୍ରକ ଅବକାରୀ ବିଭାଗର ଏକ ଟିମ୍ ମୁଦୁଲିସାହି ଅଙ୍ଗନୱାଡ଼ି କେନ୍ଦ୍ରରେ ପହଂଚି ଅଚାନକ ଚଢ଼ାଉ କରିଥିଲେ । ତଲାସି ବେଳେ ପୁରୁଣା ଭଙ୍ଗା ପାଇଖାନା ଘର ଭିତରୁ ଜରି ପାଉଚରେ ଭର୍ତି ୧୬ ବସ୍ତା ଦେଶୀ ମଦ ମିଳିଥିଲା । ପରେ ଅବକାରୀ ବିଭାଗ ମଦକୁ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ପପୁ ମୁଦୁଲିଙ୍କୁ ଗିରଫ କରିଥିବା ଜଣାପଡ଼ିଛି ।

# ମା' ନାଣ୍ଡିଆ କଳାମନ୍ଦିରର ୨ୟ ବାର୍ଷିକ ଉତ୍ସବ

କଟକ: (ନି ପ୍ର) କଟକ ସଦର ଅଂଚଳର ମୁକାମେଶ୍ୱରସ୍ଥିତ ମା' ନାଣ୍ଡିଆ କଳାମନ୍ଦିରର ୨ୟ ବାର୍ଷିକ ଉତ୍ସବ ପବିତ୍ର ଗୁରୁଦିବସ ଅବସରରେ ପାଳିତ ହୋଇଯାଇଛି ।ଉକ୍ତ କାର୍ଯ୍ୟକ୍ରମରେ ଉଚ୍ଚନ୍ୟାୟାଳୟର ଆଇନଜିବୀ ସଂଘର ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜିବୀ ଡକ୍ଟର ମନୋଜ କୁମାର ମିଶ୍ର ଉଦ୍ଘାଟକ ଭାବରେ,ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଇନଜିବୀ ଶ୍ରୀଯୁକ୍ତ ପ୍ରସନ୍ନ କୁମାର ରାଉତରାୟ ସମ୍ମାନିତ ଅତିଥି ଭାବରେ,କଟକ ସଦର ଥାନାର ଭାରପ୍ରାପ୍ତ ଅଧିକାରୀ ଶ୍ରୀଯୁକ୍ତ ତୁଷାରକାନ୍ତ ସେଠି, କର୍ପୋରେଟର ଶ୍ରୀମତୀ ଲିପ୍ସା ନାୟକ, ପୂର୍ବତନ କର୍ପୋରେଟର ଶ୍ରୀଯୁକ୍ତ ସଂଜୟ କୁମାର ବରାଳ, ସମାଜସେବୀ ତଥା ପୂର୍ବତନ କର୍ପୋରେଟର ଶ୍ରୀଯୁକ୍ତ କୌଶିକ ଜେନା, କଟକ ଭୁବନେଶ୍ୱର ଯୁଗ୍ମ ନଗରୀର ସଂପାଦକ ଡକ୍ଟର ଦିଲ୍ଲିପ କୁମାର ରାମବିଶିଷ୍ଟ ଅତିଥି ଭାବେଯୋଗଦେଇ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ ।ସଭାପତି ଦିଗାମ୍ବର ଜେନା, ସମ୍ପାଦକ କମଳାକାନ୍ତ ମହାନ୍ତି , ବରିଷ୍ଠ କର୍ମକର୍ତ୍ତା ନନ୍ଦୀ ବାବୁ ଏବଂ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସଭ୍ୟା ଓ ସଭ୍ୟ ବୃନ୍ଦ ତଥା ଗ୍ରାମବାସୀ ଏକତ୍ରିତ ହୋଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।



# ଜଣେ ଜ୍ଞାନୀ ବ୍ୟକ୍ତି ପ୍ରତ୍ୟେକ ଉତ୍ସରୁ ମୂଲ୍ୟବାନ ଜ୍ଞାନ ଅର୍ଜନ କରିବା ଉଚିତ : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଦିନ ଏକ୍ସରେ ସେୟାର କରିଥିବା ଏକ ସୁଭାଷିତମ୍ ରେ କହିଛନ୍ତି ଯେ ଜଣେ ଜ୍ଞାନୀ ଏବଂ ବିଚକ୍ଷଣ ବ୍ୟକ୍ତି ସମସ୍ତ ଜ୍ଞାନ ଶାସ୍ତ୍ରରୁ ସାର ବାହାର କରିବା ଉଚିତ । ସେ ପ୍ରତ୍ୟେକ ଉତ୍ସରୁ ମୂଲ୍ୟବାନ ଜ୍ଞାନ ଅର୍ଜନ ଏବଂ ଆତ୍ମସାତ କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ।ପ୍ରଧାନମନ୍ତ୍ରୀ ସୁଭାଷିତମ୍ ବାଂଟିଥିଲେ, ''ଅନୁଭ୍ୟାଶ୍ଚ ମହାଭ୍ୟାଶ୍ଚ ଶାସ୍ତ୍ରେଭ୍ୟଃ କୁସଲୋ ନରଃ । ସର୍ବତଃ ସରମାଦ୍ୟତ୍ ପୁଷ୍ପେଭ୍ୟ ଇବ ଶତପାଦଃ' ।' ଏହାର ଅର୍ଥ ହେଉଛି ଯେ ଜଣେ ଜ୍ଞାନୀ ଏବଂ ବିଚକ୍ଷଣ ବ୍ୟକ୍ତି ଜ୍ଞାନର ପ୍ରତ୍ୟେକ ଶାଖାରୁ ସାର ବାହାର କରିବା ଉଚିତ,ତାହା ବଡ଼ ହେଉ କି ଛୋଟ, 'ମହୁମାଛି ପରି, ଏହା ପ୍ରତ୍ୟେକ ଫୁଲରୁ ଅମୃତ ସଂଗ୍ରହ କରେ । ସେହିପରି, ପ୍ରତ୍ୟେକ ଉତ୍ସରୁ ସବୁଠାରୁ ମୂଲ୍ୟବାନ ଜ୍ଞାନ ଖୋଜିବା ଏବଂ ଗ୍ରହଣ କରିବା ଉଚିତ ।'ଏହି ପ୍ରସିଦ୍ଧ ଶ୍ଳୋକଟି ଶ୍ରୀମଦ୍ ଭାଗବତ ପୁରାଣରୁ ନିଆଯାଇଛି । ଏହି ପ୍ରସିଦ୍ଧ ପ୍ରବାଦଟି ଜଣେ ଶିକ୍ଷାର୍ଥୀଙ୍କୁ ମହୁମାଛି ପରି ହେବାକୁ ପରାମର୍ଶ ଦିଏ ।

# ୯ ଯୁବ ଆଇଏଏସଙ୍କୁ ଉପଜିଲ୍ଲାପାଳ ଦାୟିତ୍ୱ

ଭୁବନେଶ୍ୱର : ତାଲିମ ଶେଷ କରିଥିବା ୯ ଜଣ ଯୁବ ଆଇଏଏସ ଅଧିକାରୀଙ୍କୁ ବିଭିନ୍ନ ଉପଖଣ୍ଡର ଉପଜିଲ୍ଲାପାଳ ଭାବେ ନିଯୁକ୍ତି ଦେଇଛନ୍ତି ରାଜ୍ୟ ସରକାର । ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି । ନୂତନ ନିଯୁକ୍ତି ଅନୁଯାୟୀ, ଅନିମେଶ ପ୍ରଧାନଙ୍କୁ ଆଠଗଡ଼ ଉପଜିଲ୍ଲାପାଳ ଭାବେ ଦାୟିତ୍ୱ ଦିଆଯାଇଛି । ସେହିପରି ପ୍ରଜ୍ଞାନନ୍ଦନ ଗିରି ତାଳଚେର, କସ୍ତୁରୀ ଶାହା ଭବାନୀପାଟଣା ଏବଂ ଫାବି ରସିଦ୍ କୋରାପୁଟର ଉପଜିଲ୍ଲାପାଳ ଭାବେ ନିଯୁକ୍ତ ହୋଇଛନ୍ତି । ଅନ୍ୟ ନିଯୁକ୍ତିଗୁଡ଼ିକ ମଧ୍ୟରେ ମୃଣାଳିକା ରାଠୋଡଙ୍କୁ ରାୟଗଡ଼ା, ଶୁଭ୍ରା ପଣ୍ଡାଙ୍କୁ ଯାଜପୁର, ପଥ୍ୱନ କୁମାରଙ୍କୁ ଟିଟିଲାଗଡ଼ ଏବଂ ଭଗତ ସାମଲ କଲ୍ୟାଣରାଓଙ୍କୁ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଦାୟିତ୍ୱ ଦିଆଯାଇଛି । ଏହାଛଡ଼ା ସନ୍ତୋଷ କୁମାର ପାତ୍ରଙ୍କୁ ବଣାଇଗଡ଼ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି ।











# ମୋଇରଙ୍ଗରେ ଥିବା ଆଇଏନଏ ସଂଗ୍ରହାଳୟ ଏବଂ ସୈନିକ ସ୍କୁଲ ଇମ୍ଫାଲ ପରିଦର୍ଶନ କଲେ ଉପ ରାଷ୍ଟ୍ରପତି

ନୂଆଦିଲ୍ଲୀ : ଉପରାଷ୍ଟ୍ରପତି ଶ୍ରୀ ସି. ପି. ରାଧାକୃଷ୍ଣନ ଆଜି ମଣିପୁରର ମୋଇରଙ୍ଗରେ ଥିବା ଓଘଇ ସଂଗ୍ରହାଳୟ ପରିଦର୍ଶନ କରିଛନ୍ତି ଏବଂ ଭାରତୀୟ ଜାତୀୟ ସେନା ର ବୀରତ୍ୱ ଏବଂ ବଳିଦାନକୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ସେ ସେହି ଐତିହାସିକ ସ୍ଥାନ ପରିଦର୍ଶନ କରିଛନ୍ତି ଯେଉଁଠାରେ ଓଘଇ ଦ୍ୱାରା ଭାରତୀୟ ମୁଖ୍ୟଭୂମିରେ ପ୍ରଥମେ ଭାରତୀୟ ତ୍ରିରଙ୍ଗା ଉତୋଳନ କରାଯାଇଥିଲା ଏବଂ ଆଇଏନଏ ଯୁଦ୍ଧ ସଂଗ୍ରହାଳୟ ଗ୍ୟାଲେରୀ ପରିଦର୍ଶନ କରିଛନ୍ତି । ସେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ, ଉପରାଷ୍ଟ୍ରପତି ସୈନିକ ସ୍କୁଲ ଇମ୍ଫାଲ ପରିଦର୍ଶନ କରିଥିଲେ, ଯେଉଁଠାରେ ସେ ଯୁଦ୍ଧ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଏବଂ କ୍ୟାଡେଟମାନେ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରିଥିଲେ । ସ୍କୁଲରେ ମୋଇରାଙ୍ଗ ଗସ୍ତ ଅବସରରେ ଉପରାଷ୍ଟ୍ରପତି ଭାରତର ସ୍ୱାଧୀନତା ସଂଗ୍ରାମରେ INA ର ଐତିହାସିକ ଭୂମିକାକୁ ମନେ ପକାଇଥିଲେ । ସେ ଉଲ୍ଲେଖ କରିଥିଲେ ଯେ ତାମିଲନାଡୁର ଅନେକଙ୍କ ସମେତ ଦେଶବ୍ୟାପୀ ଅନେକ ସ୍ୱାଧୀନତା ସଂଗ୍ରାମୀ ଓଘଇ ରେ ଯୋଗ ଦେଇଥିଲେ ଏବଂ ଦେଶ ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିଲେ । ସେ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜର ତାଙ୍କର ସାମ୍ପ୍ରତିକ ଗସ୍ତକୁ ମଧ୍ୟ ମନେ ପକାଇଥିଲେ, ଯେଉଁଠାରେ ନେତାଜୀ ସୁଭାଷ ଚନ୍ଦ୍ର




ବୋଷ ଭାରତୀୟ ତ୍ରିରଙ୍ଗା ଉତୋଳନ କରିଥିଲେ, ଏବଂ କହିଥିଲେ ଯେ ଏହି ଐତିହାସିକ ସ୍ଥାନଗୁଡ଼ିକ ଯୁବ ପିଢ଼ିକୁ ଭାରତର ସ୍ୱାଧୀନତା ସଂଗ୍ରାମୀଙ୍କ ସାହସ, ଦେଶପ୍ରେମ ଏବଂ ବଳିଦାନର ସ୍ମରଣ କରାଇ ଦିଅନ୍ତି । ଉପରାଷ୍ଟ୍ରପତି ଗୁରୁତ୍ୱାରୋପ କରିଥିଲେ ଯେ ଏକ ପ୍ରତିଷ୍ଠାନର ପ୍ରକୃତ ଐତିହ୍ୟ କେବଳ ଏହାର କୋଠା କିମ୍ବା ରେକର୍ଡରେ ନୁହେଁ, ବରଂ ଏହାର ଛାତ୍ର ଏବଂ ପୂର୍ବତନ ଛାତ୍ରଙ୍କ ଚରିତ୍ରରେ ପ୍ରତିଫଳିତ ହୁଏ । ସେ କ୍ୟାଡେଟମାନଙ୍କୁ ବିଶେଷ ଭାବରେ ଶୃଙ୍ଖଳା, ସାହସ ଏବଂ ନେତୃତ୍ୱ ବିକଶିତ କରିବାକୁ ଆହ୍ୱାନ କରିଥିଲେ । 'ଯଦିଓ ତୁମେ କମ୍ ପ୍ରତିଭାଶାଳୀ, ଶୃଙ୍ଖଳା ସହିତ ତୁମେ ଚମକଦାର ହେବ,' ଶ୍ରୀ ସି. ପି. ରାଧାକୃଷ୍ଣନ କହିଥିଲେ, ଶୃଙ୍ଖଳା ଉତ୍କର୍ଷତାର ମୂଳଦୁଆ ପ୍ରଦାନ କରେ ବୋଲି ଗୁରୁତ୍ୱ ଦେଇ । ସାହସ ବିଷୟରେ, ସେ କହିଥିଲେ ଯେ ପ୍ରକୃତ ସାହସର ଅର୍ଥ ହେଉଛି ଯେତେବେଳେ କାହାକୁ ଅଯଥାରେ କ୍ଷତି ପହଂଚାଯାଏ ସେତେବେଳେ ଅନ୍ୟମାନଙ୍କ ପାଇଁ ଠିଆ ହେବା । ନେତୃତ୍ୱ ବିଷୟରେ, ସେ ଗୁରୁତ୍ୱାରୋପ କରିଥିଲେ ଯେ ଜଣେ ପ୍ରକୃତ ନେତା ଦାୟିତ୍ୱ ଗ୍ରହଣ କରନ୍ତି, ଉଦାହରଣ ସ୍ଥାପନ କରନ୍ତି, ଅନ୍ୟମାନଙ୍କ କଥା ଶୁଣନ୍ତି ଏବଂ ସଠିକ୍ ନିଷ୍ପତି ନେବା ପାଇଁ ନୈତିକ ସାହସ ରଖନ୍ତି । ଜାତୀୟ ସଂହତିର ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀ ସି. ପି. ରାଧାକୃଷ୍ଣନ କହିଥିଲେ ଯେ ଭାରତର ଭାଷା, ପରମ୍ପରା ଏବଂ କ୍ଷେତ୍ରର ବିବିଧତା ଏକ ସମାନ ଜାତୀୟ ପରିଚୟ ଦ୍ୱାରା ଏକତା ହୋଇଛି । ସେ କହିଥିଲେ ଯେ ଏକ ଭାରତ, ଶ୍ରେଷ୍ଠ ଭାରତର ଭାବନାକୁ ସୁଦୃଢ଼ ??କରିବାରେ ସୈନିକ ସ୍କୁଲଗୁଡ଼ିକର ଏକ ବିଶେଷ ଭୂମିକା ଅଛି, କାରଣ ବିଭିନ୍ନ ପୃଷ୍ଠଭୂମିର ଛାତ୍ରମାନେ ଏକାଠି ଶିଖନ୍ତି, ତାଲିମ ଦିଅନ୍ତି, ଖାଆନ୍ତି ଏବଂ ଖେଳନ୍ତି । ପ୍ରଯୁକ୍ତିବିଦ୍ୟା ପରିବର୍ତ୍ତନର ଦ୍ରୁତ ଗତିକୁ ଉଲ୍ଲେଖ କରି, ସେ କ୍ୟାଡେଟମାନଙ୍କୁ ଅନୁକୂଳନଶୀଳ, ଅଭିନବ ଏବଂ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ସଚେତନ ହେବା ସହିତ ଶୃଙ୍ଖଳା, ଅଖଣ୍ଡତା ଏବଂ ଦେଶପ୍ରେମର କାଳଜୟୀ ମୂଲ୍ୟବୋଧକୁ ସଂରକ୍ଷଣ କରିବାକୁ ଅନୁରୋଧ କରିଥିଲେ । ସେ ଯୁବ ପିଢ଼ିକୁ ନୂତନ ସୁଯୋଗ ପ୍ରଦାନ କରୁଥିବା କ୍ଷେତ୍ର ଭାବରେ କୃତ୍ରିମ ବୁଦ୍ଧିମତା, ମହାକାଶ ପ୍ରଯୁକ୍ତିବିଦ୍ୟା, ବାୟୋଟେକ୍ନୋଲୋଜି, ସାଇବର ସୁରକ୍ଷା ଏବଂ ରୋବୋଟିକ୍ସ ଭଳି ଉଦୀୟମାନ କ୍ଷେତ୍ରଗୁଡ଼ିକର ଉଲ୍ଲେଖ କରିଥିଲେ ।

# ଗୁଜୁରାଟର ଭଦୋଦରାରେ ରାଷ୍ଟ୍ର ବିକାଶ ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଗୁଜୁରାଟର ଭଦୋଦରାରେ ୩୫,୦୦୦ କୋଟିରୁ ଅଧିକ ମୂଲ୍ୟର ରାଷ୍ଟ୍ର ବିକାଶ ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ, ଉଦଘାଟନ ଏବଂ ଉତ୍ସର୍ଗ କଲେ । ସମ୍ମାନିତ ବ୍ୟକ୍ତିମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣ ଆରମ୍ଭ କଲେ । ସେ ଏହି ସ୍ମାରକୀ ଅବସରରେ ଶାରୀରିକ ଏବଂ ଅନଲାଇନ୍ ମାଧ୍ୟମରେ ଯୋଗ ଦେଇଥିବା ନାଗରିକମାନଙ୍କୁ ସ୍ୱାଗତ କଲେ । 'ମୁଁ ଗୁଜୁରାଟର ମୋର ଭାଇ ଏବଂ ଭଉଣୀମାନଙ୍କୁ ସ୍ୱାଗତ କରୁଛି,' ଶ୍ରୀ ମୋଦୀ ମନ୍ତବ୍ୟ ଦେଇଥିଲେ । ମହାରାଜା ସୟାଜିରାଓ ବିଶ୍ୱବିଦ୍ୟାଳୟ ପଡ଼ିଆରେ ସ୍ପନ୍ଦନଶୀଳ ପରିବେଶକୁ ଆଲୋକପାତ କରି ପ୍ରଧାନମନ୍ତ୍ରୀ ପ୍ରଗତି ପର୍ବ ପାଇଁ ବିଭିନ୍ନ କ୍ଷେତ୍ରର ବୃତିଗତମାନଙ୍କ ଅନନ୍ୟ ସମନ୍ୱୟକୁ ପାଳନ କରିଥିଲେ । ବିକାଶର ଏପରି ଏକୀକୃତ ଉତ୍ସବ ଦେଖି ସେ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଥିଲେ । 'ଏଠାରେ ସବୁକିଛି ଏକକାଳୀନ ଘଟୁଛି,' ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ । ଜାତୀୟ ପ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ହଜାର ହଜାର କୋଟି ଟଙ୍କାର ଭିତିଭୂମି ପ୍ରକଳ୍ପଗୁଡ଼ିକୁ ଉତ୍ସର୍ଗ କରି ପ୍ରଧାନମନ୍ତ୍ରୀ ଭଦୋଦରାର



ନାଗରିକମାନେ ତାଙ୍କୁ ସ୍ୱାଗତ କରିବା ପାଇଁ ଆୟୋଜିତ ଅସାଧାରଣ ସ୍ୱଚ୍ଛତା ଅଭିଯାନ ପାଇଁ ଗଭୀର କୃତଜ୍ଞତା ପ୍ରକାଶ କରିଥିଲେ । ବିକାଶର ଏହି ପର୍ବରେ ସେବାର ଗଭୀର ମନୋଭାବ ପାଇଁ ସେ ସ୍ଥାନୀୟ ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଥିଲେ । 'ଆଜି ମୁଁ ଏକ ବୀକ୍ଷିତ ଭାରତ ଯାତ୍ରାକୁ ଆହୁରି ଗତି ଦେବା ପାଇଁ ଆପଣଙ୍କ ମଧ୍ୟରେ ଆସିଛି,' ଶ୍ରୀ ମୋଦୀ ଦୃଢ଼ ଭାବରେ କହିଥିଲେ । ଲାଲକିଲ୍ଲାରେ ଘୋଷଣା କରାଯାଇଥିବା 'ସପ୍ତଧାରା' (ସାତ ଧାରା) ସଂକଳ୍ପକୁ ରୂପରେଖା ଦେଇ ପ୍ରଧାନମନ୍ତ୍ରୀ ଗତି ଶକ୍ତି ପଦକ୍ଷେପ ମାଧ୍ୟମରେ ଦ୍ରୁତ ସଂଯୋଗୀକରଣର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ୨୮୦୦ କିଲୋମିଟର ସମର୍ପିତ ମାଲ ପରିବହନ କରିଡରର ଐତିହାସିକ ସମାପ୍ତିକୁ ଚିହ୍ନିତ କରିଥିଲା । ସେ ଭଦୋଦରାକୁ ଗତି ଶକ୍ତି ବିଶ୍ୱବିଦ୍ୟାଳୟର ପ୍ରକୃତ ସହର ଭାବରେ ପ୍ରଶଂସା କରିଥିଲେ ଯେଉଁଠାରେ ଏହି ବିଶାଳ ପ୍ରକଳ୍ପର ଶେଷ ସଂଯୋଗ ସଂଯୋଗ ହୋଇଥିଲା । '୨୧ ଶତାବ୍ଦୀର ଭାରତ ପାଇଁ ଏହି ଐତିହାସିକ କାର୍ଯ୍ୟ ସମାପ୍ତ ହୋଇଛି,' ଶ୍ରୀ ମୋଦୀ ଦୃଢ଼ ଭାବରେ କହିଥିଲେ । ୨୦୧୪ ପରେ ତ୍ୱରାନ୍ୱିତ ଗତିକୁ ପ୍ରଦର୍ଶନ କରି ପ୍ରଧାନମନ୍ତ୍ରୀ ପୂର୍ବ ଏବଂ ପଶ୍ଚିମ ସମର୍ପିତ ମାଲ ପରିବହନ କରିଡରର ସଫଳ କାର୍ଯ୍ୟାନ୍ୱୟନକୁ ପାଳନ କରିଥିଲେ, ଯାହା ବର୍ତ୍ତମାନ ବାଣିଜ୍ୟିକ ଦୃଶ୍ୟପଟକୁ ମୌଳିକ ଭାବରେ ପରିବର୍ତ୍ତନ କରୁଛି । ସେ ଉଲ୍ଲେଖ କରିଥିଲେ ଯେ ଏହି ନେଟୱାର୍କଗୁଡ଼ିକ ଦ୍ରୁତ ଗତିରେ ଦେଶର ବାଣିଜ୍ୟର ମୂଳଦୁଆ ପାଲଟିଛି । 'ଆମେ ଏହାକୁ ଗତି ଦେଇଛୁ ଏବଂ ୨୮୦୦ କିଲୋମିଟର କରିଡରର କାର୍ଯ୍ୟ ସମାପ୍ତ କରି ଏହାକୁ ପ୍ରଦର୍ଶନ କରିଛୁ,' ଶ୍ରୀ ମୋଦୀ ଦୃଢ଼ ଭାବରେ କହିଥିଲେ । ଏହି ନୂତନ ଜାତୀୟ ଜୀବନରେଖାର ପରିବର୍ତ୍ତନକାରୀ ପ୍ରଭାବ ବିଷୟରେ ବିସ୍ତାର କରି ପ୍ରଧାନମନ୍ତ୍ରୀ ବିସ୍ତୃତ ଭାବରେ କହିଥିଲେ ଯେ ଯାତ୍ରୀ ଏବଂ ମାଲ ପରିବହନକୁ ପୃଥକ କରିବା ଦ୍ୱାରା ପ୍ରତିଦିନ ୪୩୦ ରୁ ଅଧିକ ମାଲ ପରିବହନ ଟ୍ରେନ ଚାଲିପାରିବ, ୩୦ ଘଂଟାର ଟ୍ରକ ଯାତ୍ରାକୁ ମାତ୍ର ୧୦-୧୨ ଘଂଟାରେ ହ୍ରାସ କରାଯାଇଛି ।

# ରାଜ୍ୟରେ ଚଳିତ ଖରିଫ ଋତୁ ପାଇଁ ଧାନ କିଣାରେ ରେକର୍ଡ଼ ସୃଷ୍ଟି ହୋଇଛି : ସମବାୟମନ୍ତ୍ରୀ

ଭୁବନେଶ୍ୱର: ଓଡ଼ିଶାରେ ଚଳିତ ଖରିଫ ଋତୁ (୨୦୨୬-୨୭) ପାଇଁ ଧାନ କିଣାରେ ରେକର୍ଡ ସୃଷ୍ଟି ହୋଇଛି । ୨୧.୪୨ ଲକ୍ଷ ଚାଷୀଙ୍କ ପଞ୍ଜୀକରଣ ହୋଇ ସାରିଥିବା ବେଳେ ଯେଉଁମାନେ ପଞ୍ଜୀକରଣ କରିନଥିଲେ, ସେମାନଙ୍କ ପାଇଁ କାଲି ରାତି ଯାଏଁ ଶେଷ ସୁଯୋଗ ଥିଲା । ହେଲେ ଆଉ ଅବଧି ବଢ଼ିବ ନାହିଁ ବୋଲି କହିଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ । ସେହିପରି ରାଜ୍ୟରେ ଏଥର ସର୍ବକାଳୀନ ରେକର୍ଡ ସଂଖ୍ୟକ ଚାଷୀ ପଞ୍ଜୀକରଣ କରିଛନ୍ତି । ଏନେଇ ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ମନ୍ତ୍ରୀ କହିଛନ୍ତି, ଚଳିତ ବର୍ଷ ମୋଟ ୨୨ ଲକ୍ଷ ୨୮ ହଜାର ଚାଷୀ ସେମାନଙ୍କ ଧାନ ବିକ୍ରି କରିବା ପାଇଁ ସଫଳତାର ସହ ପଞ୍ଜୀକରଣ କରିଛନ୍ତି । ଗତବର୍ଷ ଏହି ସଂଖ୍ୟା ୧୯ ଲକ୍ଷ ୬୭ ହଜାର ଥିଲା ।



ଅର୍ଥାତ୍ ଗତ ବର୍ଷ ତୁଳନାରେ ଚଳିତ ବର୍ଷ ପ୍ରାୟ ୨ ଲକ୍ଷ ୬୧ ହଜାରରୁ ଅଧିକ ନୂଆ ଚାଷୀ ଏହି ପ୍ରକ୍ରିୟାରେ ସାମିଲ ହୋଇଛନ୍ତି । ଅଦିନିଆ ପ୍ରବଳ ବର୍ଷା ଯୋଗୁଁ ଅନେକ ଚାଷୀ ନିର୍ଦ୍ଧାରିତ ସମୟ (ଅଗଷ୍ଟ ୩୧) ସୁଦ୍ଧା ପଞ୍ଜୀକରଣ କରିପାରିନଥିଲେ । ଚାଷୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ପଞ୍ଜୀକରଣ ଅବଧିକୁ ସେପ୍ଟେମ୍ବର ୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ । ଏବେ ଏହି ପଞ୍ଜୀକରଣ ପ୍ରକ୍ରିୟା ଶେଷ ହୋଇଛି । ଏହି ରେକର୍ଡ ସଂଖ୍ୟକ ପଞ୍ଜୀକରଣ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱ ଓ ସରକାରଙ୍କ କୃଷକ କଲ୍ୟାଣକାରୀ ନୀତି ପ୍ରତି ଚାଷୀଙ୍କ ଅଗାଧ ଭରସାର ପ୍ରତିଫଳନ ବୋଲି ମନ୍ତ୍ରୀ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି, ଚାଷୀଙ୍କୁ ଉଚିତ ମୂଲ୍ୟ ପ୍ରଦାନ, ସ୍ୱଚ୍ଛ ଧାନ କ୍ରୟ ବ୍ୟବସ୍ଥା ଏବଂ ୪୮ ଘଂଟା ମଧ୍ୟରେ ବ୍ୟାଙ୍କ ଖାତାକୁ ସିଧାସଳଖ ଟଙ୍କା ପଠାଇବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଆଶ୍ୱାସନା ଦେଇ କହିଛନ୍ତି, ଆମେ ସମସ୍ତ ପଞ୍ଜୀକୃତ ଯୋଗ୍ୟ ଚାଷୀଙ୍କଠାରୁ ନିଶ୍ଚିତ ଭାବେ ଧାନ କିଣିବୁ । କୌଣସି ଜଣେ ହେଲେ ବି ଯୋଗ୍ୟ ଚାଷୀ ଧାନ ବିକ୍ରିରୁ ବଂଚିତ ହେବେ ନାହିଁ ।

# ୧୫ ଦିନ ଭିତରେ ଅସୁରକ୍ଷିତ କୋଠା ଚିହ୍ନଟ ପାଇଁ ନିର୍ଦ୍ଦେଶ ଦେଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର

ଭୁବନେଶ୍ୱର : ବିପଦପୂର୍ଣ୍ଣ କୋଠା ବିରୋଧରେ ସରକାରଙ୍କ କଡ଼ା କାର୍ଯ୍ୟାନୁଷ୍ଠାନ । ୧୫ ଦିନ ଭିତରେ ଅସୁରକ୍ଷିତ କୋଠା ଚିହ୍ନଟ ପାଇଁ ନିର୍ଦ୍ଦେଶ ଦେଲେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ବିଶେଷକରି କଟକ ଓ ପୁରୀ ଉପରେ ଫୋକସ୍ ପାଇଁ ପରାମର୍ଶ ଦିଆଯାଇଛି । ଯାଂଚକାରୀ ଦଳ ସନ୍ଦେହଜନକ ବିପଦପୂର୍ଣ୍ଣ କୋଠାଗୁଡ଼ିକର ବିସ୍ତୃତ ଯାଂଚ କରିବେ । ରିପୋର୍ଟ ଆଧାରରେ ଅସୁରକ୍ଷିତ ବିଲ୍ଡିଂ ଗୁଡ଼ିକୁ ଭଙ୍ଗା ଯିବ । ସହରାଂଚଳରେ ନାଗରିକଙ୍କ ଜୀବନ ଓ ସମ୍ପତିର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ବିପଦପୂର୍ଣ୍ଣ ଓ ଅସୁରକ୍ଷିତ କୋଠାଗୁଡ଼ିକ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଛି । ରାଜ୍ୟର ବିଭିନ୍ନ ସହରାଂଚଳରେ ଧନଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ସରକାରୀ ଓ ଘରୋଇ କୋଠାଗୁଡ଼ିକୁ ଚିହ୍ନଟ କରି ଯାଂଚ,



ମୂଲ୍ୟାଙ୍କନ ଓ ଆଇନାନୁଯାୟୀ ପରବର୍ତୀ ପଦକ୍ଷେପ ନିଆଯିବ । ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ବିପଦପୂର୍ଣ୍ଣ ସରକାରୀ କୋଠାଗୁଡ଼ିକର ମୂଲ୍ୟାଙ୍କନ ପୂର୍ବରୁ କରାଯାଇଛି ଏବଂ ଆବଶ୍ୟକ ସ୍ଥଳେ ନୋଟିସ୍ ମଧ୍ୟ ଜାରି ହୋଇଛି । ଏହି ପ୍ରସଙ୍ଗରେ ଗତକାଲି ବିଭାଗ ସହ ଆଉ ଏକ ସମୀକ୍ଷା ବୈଠକ କରାଯାଇଥିବା ସେ ସୂଚନା ଦେଇଛନ୍ତି । "ମୂଲ୍ୟାଙ୍କନ ଆଧାରରେ ବିପଦସଙ୍କୁଳ ଭାବେ ଚିହ୍ନଟ ସମସ୍ତ ସରକାରୀ କୋଠା ଯାଂଚ କରାଯାଇଛି ଏବଂ ନୋଟିସ୍ ମଧ୍ୟ ପଠାଯାଇଛି । ଗତକାଲି ସେ ବିଭାଗ ସହିତ ଆଉ ଏକ ସମୀକ୍ଷା କରିଛି । ଖୁବ୍ ଶୀଘ୍ର ବିପଦପୂର୍ଣ୍ଣ ପ୍ରମାଣିତ କୋଠାଗୁଡ଼ିକୁ ଭାଙ୍ଗିବା ପାଇଁ ନୋଟିସ୍ ଜାରି କରାଯିବ ବୋଲି ଡଃ ମହାପାତ୍ର କହିଛନ୍ତି ।ମନ୍ତ୍ରୀ କହିଛନ୍ତି ଯେ, ତାଙ୍କ ବିଭାଗ ଅଧୀନରେ ଥିବା ବିପଦପୂର୍ଣ୍ଣ କୋଠାଗୁଡ଼ିକ ବିରୋଧରେ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବ । ଅନ୍ୟ ସରକାରୀ ବିଭାଗ ଅଧୀନରେ ଥିବା କୋଠାଗୁଡ଼ିକ ସମ୍ପର୍କରେ ସମ୍ପୃକ୍ତ ବିଭାଗକୁ ଅବଗତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ସମନ୍ୱୟ ରକ୍ଷା କରାଯିବ । ଏହି ଅଭିଯାନର ପରିସରକୁ ଘରୋଇ କୋଠା ଗୁଡ଼ିକ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି । ପ୍ରଚଳିତ ଆଇନ ଓ ନିୟମ ଅନୁଯାୟୀ ବିପଦଜନକ ବା ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ଥିବା ଘରୋଇ କୋଠାଗୁଡ଼ିକର ଯାଂଚ କରାଯିବ । ଆବଶ୍ୟକ ସ୍ଥଳେ ସମ୍ପୃକ୍ତ ମାଲିକଙ୍କୁ ନୋଟିସ୍ ଜାରି କରାଯାଇ ଆଇନାନୁଯାୟୀ ପଦକ୍ଷେପ ନିଆଯିବ । ଏଥିପାଇଁ ୧୫ ଦିନିଆ ଯାଂଚ ଓ ପରିଦର୍ଶନ ଅଭିଯାନ ହାତକୁ ନିଆଯାଇଛି ।

# ବଙ୍ଗୋପସାଗରରେ ଲଘୁଚାପ, ଓଡ଼ିଶାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର : ଖରାଦିନ ଭଳି ତାତି ଓ ଗୁଳୁଗୁଳି ପରେ ପୁଣି



ବଦଳିବ ପାଣିପାଗର ମିଜାଜ । ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ ଘୂର୍ଣ୍ଣିବଳୟ । ଏହା ପରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ରହିଛି ସମ୍ଭାବନା । ସେପ୍ଟେମ୍ବର ୧୧ ତାରିଖ ବେଳକୁ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ସଂଲଗ୍ନ ଉତର ଆନ୍ଧ୍ର ଏବଂ ଦକ୍ଷିଣ ଉପକୂଳ ଓଡ଼ିଶା ନିକଟରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ଏହାର ପ୍ରଭାବରେ ସେପ୍ଟେମ୍ବର ୧୦ରୁ ୧୨ ତାରିଖ ମଧ୍ୟରେ ରାଜ୍ୟରେ ବଢ଼ିପାରେ ବର୍ଷା । କେତେକ ସ୍ଥାନରେ ପ୍ରବଳ ବର୍ଷା ନେଇ ମଧ୍ୟ ରହିଛି ଆଶଙ୍କା । ପ୍ରାୟ ସପ୍ତାହେ ଧରି ଗୁଳୁଗୁଳି ସହ ପ୍ରବଳ ଗରମ ଅନୁଭୂତ ହେଉଥିବା ବେଳେ, ଏବେ ପୁଣି ସକ୍ରିୟ ହେବାକୁ ଯାଉଛି ବଙ୍ଗୋପସାଗର । ସକ୍ରିୟ ରହିଛି ମୌସୁମୀ ନିମ୍ନଚାପ ରେଖା । ସମୁଦ୍ରରୁ ଓଡ଼ିଶା ଆଡ଼କୁ ପ୍ରଚୁର ଜଳୀୟବାଷ୍ପ ଆସୁଥିବାରୁ ବର୍ଷା ପାଇଁ ପାଗ ଅନୁକୂଳ ରହିଛି । ପାଣିପାଗ ମଡେଲ୍‌ର ଆକଳନ ଅନୁସାରେ, ସେପ୍ଟେମ୍ବର ୯ରୁ ୧୦ ତାରିଖ ମଧ୍ୟରେ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ । ପରେ ଏହା ୧୦ରୁ ୧୧ ତାରିଖ ବେଳକୁ ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି । ଦକ୍ଷିଣ ଉପକୂଳ ଓଡ଼ିଶା ନିକଟରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଅଧିକ ରହିଛି । ଏହି ସିଷ୍ଟମ୍ ଧୀରେ ଧୀରେ ପଶ୍ଚିମରୁ ଉତର-ପଶ୍ଚିମ ଦିଗକୁ ଗତି କରି ଓଡ଼ିଶା ଦେଇ ଛତିଶଗଡ଼ ଏବଂ ମଧ୍ୟ ଭାରତ ଆଡ଼କୁ ଯାଇପାରେ । ଏହାର ପ୍ରଭାବରେ ସେପ୍ଟେମ୍ବର ୯ ତାରିଖରୁ ରାଜ୍ୟରେ ବର୍ଷା ବଢ଼ିପାରେ । ପ୍ରଥମେ ଉତର ଓ ଉତର ଉପକୂଳ ଓଡ଼ିଶାରେ ବର୍ଷାର ପରିମାଣ ବଢ଼ିବ । ପରେ ଲଘୁଚାପ ନିକଟତର ହେବା ସହ ଉପକୂଳ ଓ ମଧ୍ୟ ଓଡ଼ିଶାରେ ମଧ୍ୟ ବର୍ଷା ବଢ଼ିପାରେ । ଏହାପରେ ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡ଼ିଶାକୁ ମଧ୍ୟ ଲଘୁଚାପ ପ୍ରଭାବିତ କରିପାରେ ।

# ଓଡ଼ିଶା ଟି-୨୦ ଲିଗ୍ ୨୦୨୬ ସିଏମ ଟ୍ରଫି

## ଚୂଡ଼ାନ୍ତ ଦଳ ଘୋଷଣା, ରାଇନା ଓ ଦେବାଶିଷ ବ୍ରାଣ୍ଡ ଆମ୍ବାସାଡର

କଟକ:ଐତିହାସିକ ବାରବାଟୀ ଷ୍ଟେଡିୟମ୍‌ରେ ଖେଳାଯିବାକୁ ଥିବା ଓଡ଼ିଶା ଟି୨୦ ଲିଗ୍ ୨୦୨୬ (ସିଏମ ଟ୍ରଫି) ର ଦ୍ୱିତୀୟ ସଂସ୍କରଣ ପାଇଁ ସମସ୍ତ ୬ଟି ଫ୍ରାଂଚାଇଜ୍ ନିଜ ନିଜର ୧୬ ଜଣିଆ ଖେଳାଳି ଚୂଡ଼ାନ୍ତ କରିଛନ୍ତି । ସେପ୍ଟେମ୍ବର ୨୦ ରୁ ୨୯ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଂଟ ଆୟୋଜିତ ହେବ । ଏହି ଲିଗ୍‌ର ପ୍ରଚାର ପାଇଁ ପୂର୍ବତନ ଭାରତୀୟ କ୍ରିକେଟର୍ ସୁରେଶ ରାଇନା ଏବଂ ଓଡ଼ିଶାର ଦେବାଶିଷ ମହାନ୍ତିଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି । ଓଡ଼ିଶା କ୍ରିକେଟ୍ ଆସୋସିଏସନ ସମ୍ପାଦକ ସଞ୍ଜୟ ବେହେରା କହିଛନ୍ତି ଯେ, ଏହି ଡ୍ରାଫ୍ଟ ସ୍ଥାନୀୟ ଖେଳାଳିମାନଙ୍କୁ ନିଜର ପ୍ରତିଭା ଦେଖାଇବା ଏବଂ ଆଗକୁ ବଢ଼ିବା ପାଇଁ ଏକ ବଡ଼ ସୁଯୋଗ ସୃଷ୍ଟି କରିବ । ଭୁବନେଶ୍ୱର ଟାଇଗର୍ସ :ସ୍ୱସ୍ତିକ ସାମଲ (ଅଧିନାୟକ), ରାଜେଶ ମହାନ୍ତି, ଶ୍ରେୟାଂଶ ଭାରଦ୍ୱାଜ, ବାଦଲ ବିଶ୍ୱାଳ, ଆଶୁତୋଷ ଛୁରିଆ, ସମ୍ବିତ ବେଜା, ମହମ୍ମଦ ସୋହେଲ ଖାନ୍, ଦିନେଶ କୁମାର ମାଝୀ, ଜ୍ଞାନ ରଞ୍ଜନ ନାୟକ, ରୁଦ୍ର ପ୍ରସାଦ ମଲ୍ଲିକ, ଜନମ ଜୟ ଜେନା, ସ୍ୱୟମ୍ଭୁ ପାଲାଇ, ରୀତେଶ ପ୍ରିୟରଞ୍ଜନ, ରାକେଶ ପଟ୍ଟନାୟକ, ଉମେଶ କୁମାର ଗୌତମ, ଶଶିକାନ୍ତ ଯାଦବ, ମୁଖ୍ୟ କୋଚ ସୁବିତ ବିଶ୍ୱାଳ, ସହକାରୀ କୋଚ ବିଭୂଦତ ପଣ୍ଡା ।

# ଏସୀୟ କ୍ରୀଡ଼ା ପାଇଁ ମହିଳା ହକି ଦଳର ଜାପାନ ଯାତ୍ରା

ବେଙ୍ଗାଲୁରୁ: ଗତ ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍‌ରେ ଐତିହାସିକ ପ୍ରଦର୍ଶନ କରି ପଂଚମ ସ୍ଥାନରେ ରହିଥିବା ଭାରତୀୟ ଦଳ ମଙ୍ଗଳବାର ଏସୀୟ କ୍ରୀଡ଼ା ପାଇଁ ଜାପାନ ଅଭିମୁଖେ ଯାତ୍ରା କରିଛି । ବିଂଶତମ ଏସୀୟ କ୍ରୀଡ଼ା ଜାପାନର ଆଇଚି-ନାଗୋୟାରେ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ସ୍ୱର୍ଣ୍ଣ ପଦକ ଜିତି ୨୦୨୮ ମସିହାର



ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ ଲାଗି ସିଧାସଳଖ ଯୋଗ୍ୟତା ଅର୍ଜନ କରିବା ଭାରତର ଲକ୍ଷ୍ୟ ରହିବ । ଅଧିନାୟିକା ସଲିମା ଟେଟେ ଓ ପ୍ରଶିକ୍ଷକ ଜେରୋର୍ଡ ମାରିନ୍‌ଙ୍କ ତତ୍ତ୍ୱାବଧାନରେ ଭାରତୀୟ ଦଳ ମଙ୍ଗଳବାର ବେଙ୍ଗାଲୁରୁରୁ ଜାପାନ ଗସ୍ତ କରିଛି । ମାରିନଙ୍କ ପ୍ରତ୍ୟାବର୍ତ୍ତନ ପରେ ଭାରତୀୟ ଦଳ ଭଲ ପ୍ରଦର୍ଶନ କରି ଆସୁଛି । ୨୦୨୬ ପ୍ରାରମ୍ଭରେ ହାଇଦ୍ରାବାଦରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ଭାରତକୁ ରୌପ୍ୟ ପଦକ ଦେଇଥିଲେ । ଅକଲାଣ୍ଡରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ନେସନ୍ସ କପ୍‌ରେ ଅପରାଜିତ ରହି ବିଜେତା ହୋଇଥିଲା । ଏଥିସହିତ ଆସନ୍ତା ଋତୁର ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଯୋଗ୍ୟତା ଅର୍ଜନ କରିଛି । ଏବେ ଏସୀୟ କ୍ରୀଡ଼ାର ମହିଳା ହକି ପାଇଁ ପ୍ରସ୍ତୁତ ହୋଇ ଯାଇଛି । ପୁଲ୍ 'ବି'ରେ ଭାରତ ସହିତ ଜାପାନ, ଥାଇଲାଣ୍ଡ୍, ସିଙ୍ଗାପୁର, ଇଣ୍ଡୋନେସିଆ, ଉଜବେକିସ୍ତାନ ସହ ସାମିଲ ରହିଛି । ସେପ୍ଟେମ୍ବର ୨୦ରେ ଉଜବେକିସ୍ତାନ ସହ ଖେଳି ଅଭିଯାନ ଆରମ୍ଭ କରିବ ସଲିମା ଟେଟେଙ୍କ ଦଳ । 'ଆମେ ଆତ୍ମବିଶ୍ୱାସର ସହ ଏସୀୟ କ୍ରୀଡ଼ା ଯାଉଛୁ । ନେସନ୍ସ କପ୍ ଏବଂ ବିଶ୍ୱକପ୍ ପ୍ରଦର୍ଶନ ଆମ ଭିତରେ ବିଶ୍ୱାସ ଭରି ଦେଇଛି । ଗୋଟିଏ ଗୋଟିଏ ପାଦ ଆଗକୁ ଯିବାକୁ ଚେଷ୍ଟା କରିବୁ । ସ୍ପଷ୍ଟ ଭାବେ ସ୍ୱର୍ଣ୍ଣ ପଦକ ପାଇଁ ଖେଳିବୁ' ବୋଲି ଟେଟେ କହିଥିଲେ । ଭାରତୀୟ ଦଳରେ ସବିତା ପୁନିଆ, ନଭନୀତ କୌର, ନେହା, ନିକି ପ୍ରଧାନ, ଲାଲରେମସିଆମି, ସୁଶୀଳା ଚାନୁ ପୁଖରାମ୍ବମଙ୍କ ଭଳି ଅଭିଜ୍ଞ ଖେଳାଳି ରହିଛନ୍ତି ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,

Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**